READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

**ସାମ୍ବାଦିକ ଆବଶ୍ୟକ**

ନିରପେକ୍ଷ ସାମ୍ବାଦିକତାରେ ବିଶ୍ୱାସ ରଖୁଥିବା ଓ ବାସ୍ତବ ତଥ୍ୟ ଲୋକଲୋଚନକୁ ଆଣିପାରିବା ଭଳି ଦକ୍ଷତା ଥିବା ବ୍ୟକ୍ତି ନିଜର ସବିଶେଷ ବିବରଣୀ ସହିତ 'ଏକମାତ୍ର'ର ସାମ୍ବାଦିକ ହେବା ପାଇଁ ତୁରନ୍ତ ଯୋଗାଯୋଗ କରନ୍ତୁ।

E-mail: ekamaatra@gmail.com / Cell: 9338225930

ବର୍ଷ-୩ ସଂଖ୍ୟା-୧୯ ୨୭ ମଇ - ୦୨ ଜୁନ୍, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-19 27th MAY - 02nd JUNE, 2019 BHUBANESWAR ₹ 5/- (8 Pages)

## ବିଜେପି ଏକାକୀ ୩୦୦ ପାର୍, ବିଜେଡିର ଦବ୍‌ଦବା ଜାରି

# ପୁଣି ମୋଦି, ନବୀନ



ସପ୍ତଦଶ ଲୋକସଭା ନିର୍ବାଚନରେ ବିଜେପି ଏକକ ସଂଖ୍ୟାଗରିଷ୍ଠ ଦଳ ଭାବେ ବହୁମତ ହାସଲ କରିଛି। ଏଥିସହିତ ଭାରତୀୟ ଜନତା ପାର୍ଟି ନେତୃତ୍ୱାଧୀନ ଏନ୍‌ଡିଏ ପୁଣି ୫ ବର୍ଷ ଶାସନ କରିବାକୁ ଜନାଦେଶ ପାଇଛି। ନିର୍ବାଚନ ପରେ ଏକଜିଟ୍ ପୋଲ୍ ଦେଇଥିବା ଫଳାଫଳ ସମ୍ପର୍କିତ ତଥ୍ୟ ପ୍ରାୟତଃ ସତ୍ୟ ପ୍ରମାଣିତ ହୋଇଛି। ତିନି ଦଶନ୍ଧି ମଧ୍ୟରେ କ୍ରମାଗତ ଦ୍ୱିତୀୟଥର ବହୁମତ ସହିତ କ୍ଷମତାକୁ ଫେରିବା କ୍ଷେତ୍ରରେ ବିଜେପି ପୁନଃ ଇତିହାସ ରଚିଛି। ୨୦୧୪ ପରି ୨୦୧୯ରେ ମଧ୍ୟ ବିଜେପି ଏକକ ସଂଖ୍ୟା ଗରିଷ୍ଠତା ସହିତ ସରକାର ଗଠନର ଦାବିଦାର ହୋଇଛି। ଚଳିତ ନିର୍ବାଚନରେ ବିଜେପି ଏକାକୀ ୩୦୩ ଆସନରେ ସଫଳତା ଲାଭ କରିଛି। ଉଲ୍ଲେଖଯୋଗ୍ୟ, ୨୦୧୪ରେ ବିଜେପି ଏକାକୀ ୨୮୨ଟି ଆସନ ଲାଭ କରିଥିଲା। ଅପର ପକ୍ଷରେ ନିର୍ବାଚନ ହୋଇଥିବା ଲୋକସଭାର ୫୪୨ଟି ଆସନ ମଧ୍ୟରୁ ଏନ୍‌ଡିଏ ୩୫୧ ଆସନ ପାଇଛି। ଦେଶବାସୀ ପ୍ରମାଣ କରିଦେଇଛନ୍ତି ଯେ, ରାଷ୍ଟ୍ରବାଦ ଓ ରାଷ୍ଟ୍ରୀୟ ସୁରକ୍ଷା ସମ୍ମୁଖରେ ଅନ୍ୟ ସବୁ ପ୍ରସଙ୍ଗ ତୁଚ୍ଛ। ମତଦାତା ଏହା ସାବ୍ୟସ୍ତ କରି ଦେଖାଇଛନ୍ତି। ଚଳିତ ନିର୍ବାଚନରେ କଂଗ୍ରେସ ପୁଣିଥରେ ମୁଖ୍ୟ ବିରୋଧୀ ଦଳ ଭୂମିକାରେ ବସିବାରୁ ବଞ୍ଚିତ ହୋଇଛି। ଆମେଥିରୁ ହାରି ୱାଏନାଡରୁ ଜିତିଛନ୍ତି ରାହୁଲ ଗାନ୍ଧି। ଛତିଶଗଡ଼, ମଧ୍ୟପ୍ରଦେଶ, ରାଜସ୍ଥାନ, କର୍ଣ୍ଣାଟକରେ ସରକାର ଥାଇ ବି କଂଗ୍ରେସ ଧରାଶାୟୀ ହୋଇଛି। ଆନ୍ଧ୍ରପ୍ରଦେଶରେ ଚନ୍ଦ୍ରବାବୁ ନାଇଡୁଙ୍କ ବିପର୍ଯ୍ୟୟ ଘଟିଛି। ବିରୋଧୀଙ୍କ ମହାମେଣ୍ଟ ବିଫଳ ହୋଇଛି। ମୋଦିଙ୍କ ଦ୍ୱିତୀୟ ବାର ସଫଳତାକୁ ନେଇ ସାରା ବିଶ୍ୱରୁ ଶୁଭେଚ୍ଛାର ସୁଅ ଛୁଟୁଛି। ଚଳିତ ଲୋକସଭା ନିର୍ବାଚନ ଫଳାଫଳ ଅଧିକାଂଶ ଆଞ୍ଚଳିକ ରାଜନୈତିକ ଦଳ ଗୁଡିକର ଭବିଷ୍ୟତ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଥିଲା ବେଳେ ଓଡ଼ିଶାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜୁ ଜନତା ଦଳ ଉପରେ ମୋଦି ଲହରର କୌଣସି ପ୍ରଭାବ ପଡିନାହିଁ। ଏକଜିଟ୍ ପୋଲ୍ ରିପୋର୍ଟରେ ଓଡ଼ିଶାର ଫଳାଫଳ ସଂକ୍ରାନ୍ତୀୟ ଭବିଷ୍ୟବାଣୀ ମଧ୍ୟ ଫେଲ୍ ମାରିଯାଇଛି। ନବୀନ ଅପ୍ରତିଦ୍ୱନ୍ଦ୍ୱୀ ଏବଂ ତାଙ୍କ ନେତୃତ୍ୱରେ ଓଡ଼ିଶାରେ କ୍ଷମତାଶୀନ ବିଜେଡି ଯେ ଅପରାଜେୟ ଏହା ପୁଣିଥରେ ପ୍ରମାଣିତ ହୋଇଛି। ନବୀନ ପଟ୍ଟନାୟକ ପଞ୍ଚମଥର ପାଇଁ ନିର୍ବାଚନ ଜିତିବା ସହିତ ଓଡ଼ିଶାରେ ଏକ ନୂଆ ଇତିହାସ ସୃଷ୍ଟି କରିଛନ୍ତି। କ୍ରମାଗତ ଭାବେ ଚତୁର୍ଥ ପାଳିର ସରକାର ଗଠନ ପରେ ପଞ୍ଚମ ପାଳି ସରକାରକୁ ଆସିବା କ୍ଷେତ୍ରରେ ବିରୋଧୀଙ୍କ ପ୍ରତିବନ୍ଧକ କୌଣସି କାମ କରିନାହିଁ। ରାଜନୈତିକ ପଣ୍ଡିତମାନେ ଯେଉଁ ଆକଳନ କରୁଥିଲେ ତାହା ମଧ୍ୟ ଭୁଲ ପ୍ରମାଣିତ ହୋଇଛି। ବିଜେଡି ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଥିବା ବେଳେ ପ୍ରମୁଖ ବିରୋଧୀ ଦଳ କଂଗ୍ରେସକୁ ପଛରେ ପକାଇ ରାଜ୍ୟରେ ବିଜେପି ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯଦିଓ ବିଜେପିର ଭୋଟ ହାର ବଢ଼ିଛି, ହେଲେ ବିଧାନସଭା ଆସନ ହାସଲ କ୍ଷେତ୍ରରେ ସେଭଳି କିଛି ଆଖିଦୃଶିଆ ପରିବର୍ତ୍ତନ ହୋଇପାରିନାହିଁ।

## ଜନତାଙ୍କ ବିଜୟ: ମୋଦି

**ନୂଆଦିଲ୍ଲୀ :** ଏବେ ସମଗ୍ର ଦେଶବାସୀ ମୋଦି ମୋଦି ନାରା ଦେଉଛନ୍ତି। କିନ୍ତୁ ଏହା ମୋଦିଙ୍କ ବିଜୟ ନୁହେଁ, ସମଗ୍ର ଦେଶବାସୀଙ୍କ ବିଜୟ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ନିର୍ବାଚନର ଫଳାଫଳ ଜଣାପଡ଼ିବା ପରେ ମୋଦି ବିଜେପି ମୁଖ୍ୟାଳୟରେ ୪୫ ମିନିଟ୍ ଧରି ଏକ ଭାବଗର୍ଭକ ଭାଷଣ ଦେଇ କହିଥିଲେ, ଏହା ହେଉଛି ଦେଶବାସୀଙ୍କ ଆଶା ଆକାଂକ୍ଷାର ବିଜୟ। ଆପଣମାନେ ଏହି ଫକୀରର ଝୋଲି ଆଶାରେ ଭରିଦେଇଛନ୍ତି। ସମସ୍ତଙ୍କର ଆଶା, ସ୍ୱପ୍ନ ଓ ଆକାଂକ୍ଷା ଏହା ଉପରେ ନିର୍ଭର କରୁଛି। ବିଜେପି କର୍ମୀ ଓ ନେତାଙ୍କ ସମାବେଶକୁ ସମ୍ବୋଧନ କରି ମୋଦି ୩ଟି ପ୍ରତିଜ୍ଞା କରିଛନ୍ତି। ସେ କହିଛନ୍ତି, ମୁଁ ନିଜ ପାଇଁ କିଛି କରିବି ନାହିଁ। କୌଣସି ମନ୍ଦ ଉଦ୍ଦେଶ୍ୟ ରଖି ବା କିଛି ଭୁଲ କରିବି ନାହିଁ। ମୋର ପ୍ରତ୍ୟେକ ମୁହୂର୍ତ୍ତ ଦେଶବାସୀଙ୍କ ସେବାରେ ବିନିଯୋଗ କରିବି। ଯେତେବେଳେ ଏଥିରେ ତ୍ରୁଟି ହେବ, ଆପଣମାନେ ମୋତେ ଅଭିଶାପ ଦେବେ ବୋଲି ମୋଦି ଭାବପ୍ରବଣ ହୋଇ କହିଛନ୍ତି। ସେ ଆହୁରି କହିଛନ୍ତି, ଏହା ଏକ ବିରାଟ ଜନାଦେଶ। ସାରା ବିଶ୍ୱକୁ ଏହି ଜନାଦେଶ ଚକିତ କରିଛି। ଭାରତର ପ୍ରଗତି ଓ ଦେଶବାସୀଙ୍କ କଲ୍ୟାଣ ପାଇଁ ଆମେ ଏକଜୁଟ୍ ହୋଇ କାର୍ଯ୍ୟ କରିବା। ଏହି ଅବସରରେ ମୋଦି ନିର୍ବାଚନ କମିଶନଙ୍କୁ ଧନ୍ୟବାଦ ଦେଇଥିଲେ। କମିଶନ ଆପ୍ରାଣ ଉଦ୍ୟମ କରି ୨୦୧୯ ଲୋକସଭା ନିର୍ବାଚନକୁ ଅବାଧ ଓ ମୁକ୍ତ କରିଥିବାରୁ ମୋଦି ଧନ୍ୟବାଦ ଜଣାଇଛନ୍ତି। ବିଜେପି କର୍ମୀମାନଙ୍କୁ ମଧ୍ୟ ମୋଦି ଧନ୍ୟବାଦ ଦେଇଛନ୍ତି। ଏହି ସମାବେଶରେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ୍ ଶାହ କହିଥିଲେ, ମୋଦିଜୀଙ୍କ ଅସୀମ ଧୈର୍ଯ୍ୟ ଓ କଠିନ ପରିଶ୍ରମ ବିଜେପିକୁ ବିପୁଳ ସଫଳତା ଦେଇଛି।

## ସଫଳତାର ଚାବିକାଠି ବିକାଶ: ନବୀନ

**ଭୁବନେଶ୍ୱର:** ଚଳିତ ନିର୍ବାଚନରେ ବିଜୁ ଜନତା ଦଳକୁ ବିପୁଳ ସମର୍ଥନ ମିଳିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇଛନ୍ତି। ନବୀନ କହିଛନ୍ତି ଯେ ରାଜ୍ୟବାସୀ ଆମକୁ ବାରମ୍ବାର ଆଶୀର୍ବାଦ ପ୍ରଦାନ କରିଛନ୍ତି। ସେଥିପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ। ସେହିପରି ଦଳର ସମସ୍ତ ନେତା, କର୍ମୀମାନଙ୍କ ଅକ୍ଲାନ୍ତ ପରିଶ୍ରମ ଯୋଗୁଁ ବିଜେଡି ଆଜି ଏ ସ୍ଥିତିରେ ପହଞ୍ଚିପାରିଛି। ବିଶେଷକରି ବହୁ ସଂଖ୍ୟାରେ ବିଜେଡି ଦଳ ସପକ୍ଷରେ ମହିଳାମାନେ ଭୋଟ ଦେଇଥିବାରୁ ଆମର ବିଜୟ ପଥ ସୁଗମ ହୋଇପାରିଲା। ବିଧାନସଭାରେ ୧୦୦ରୁ ଊର୍ଦ୍ଧ୍ୱ ଆସନ ବିଜୟ ପଛରେ ରହସ୍ୟ ସମ୍ପର୍କରେ ମତ ରଖି ନବୀନ କହିଥିଲେ, ରାଜ୍ୟ ସରକାରଙ୍କ ଗରିବ କଲ୍ୟାଣକାରୀ ଯୋଜନା ତଥା ଉନ୍ନତିମୂଳକ କାର୍ଯ୍ୟକ୍ରମ ପାଇଁ ରାଜ୍ୟବାସୀ ଆମକୁ ଅକୁଣ୍ଠ ସମର୍ଥନ ଦେଇଛନ୍ତି। ଯାହା ଆମ ସଫଳତାର ପ୍ରମୁଖ କାରଣ। ସେହିପରି ବିଧାନସଭା ଏବଂ ଲୋକସଭା ଆସନରେ ଭୋଟରମାନେ ଚଳିତଥର ପାରମ୍ପରିକ ଶୈଳୀରୁ ଊର୍ଦ୍ଧ୍ୱକୁ ଯାଇ ଅଲଗା ଅଲଗା ଭୋଟିଂ କରିଥିବା ନବୀନ ସ୍ୱୀକାର କରିଛନ୍ତି।



## ପରସ୍ପରକୁ ଶୁଭେଚ୍ଛା

୨୦୧୯ ସାଧାରଣ ନିର୍ବାଚନରେ ଅଭୂତପୂର୍ବ ସଫଳତା ଲାଭ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପରସ୍ପରକୁ ଶୁଭେଚ୍ଛା ଜଣାଇଛନ୍ତି। ଓଡ଼ିଶାରେ ଅପାର ଜନ ସମର୍ଥନ ସହ ଲଗାତାର ପଞ୍ଚମ ଥର ପାଇଁ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଥିବାରୁ ପ୍ରଧାନମନ୍ତ୍ରୀ ମୋଦି ନବୀନଙ୍କୁ ଫୋନ ଯୋଗେ ଅଭିନନ୍ଦନ ଜଣାଇଥିଲେ। ସେହିପରି ନିଜର ଟ୍ୱିଟର ଆକାଉଣ୍ଟରେ ମଧ୍ୟ ପ୍ରଧାନମନ୍ତ୍ରୀ ନବୀନଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଛନ୍ତି। ପ୍ରତ୍ୟୁତ୍ତରରେ ନବୀନ ମୋଦିଙ୍କୁ ଫୋନ ଯୋଗେ ବିପୁଳ ବିଜୟ ପାଇଁ ଅଭିନନ୍ଦନ ଜଣାଇବା ସହ କେନ୍ଦ୍ର-ରାଜ୍ୟ ମିଳିତ ଭାବେ କାର୍ଯ୍ୟ କରିବାକୁ ଆଶା ପୋଷଣ କରିଛନ୍ତି। ସେହିପରି ଚଳିତ ନିର୍ବାଚନରେ ବିଜୁ ଜନତା ଦଳକୁ ରାଜ୍ୟବାସୀ ବିପୁଳ ଭୋଟ ଦେଇ ସମର୍ଥନ ଜଣାଇଥିବାରୁ ନବୀନ ରାଜ୍ୟବାସୀଙ୍କୁ କୃତଜ୍ଞତା ଜଣାଇ କହିଛନ୍ତି, ଆପଣ ମାନଙ୍କର ଅକୁଣ୍ଠ ସମର୍ଥନ ଏବଂ ଭଲପାଇବା ମୋତେ ରାଜ୍ୟର ବିକାଶ ପ୍ରକ୍ରିୟାକୁ ଆଗେଇ ନେବା ପାଇଁ ଦୃଢ଼ ମନୋବଳ ଯୋଗାଇବ। ସେହିପରି ବିଜେଡିର ବିଜୟ ପଛରେ ମହିଳାମାନେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ନବୀନ ସେମାନଙ୍କୁ ମଧ୍ୟ ଧନ୍ୟବାଦ ଜଣାଇଛନ୍ତି।

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ** ନୂତନ ଜମି କ୍ରୟ କରି ଠକାମିର ଶିକାର ହୋଇପାରନ୍ତି। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। ଆର୍ଥିକ ସମସ୍ୟାର ସମାଧାନ ହେବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା ରହିଛି। ମାନସିକ ଅଶାନ୍ତି ଲାଗିରହିବ।

**ବୃଷ** କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ମିଥୁନ** ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଶୁଭଫଳ ପାଇବେ।

**କର୍କଟ** ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ସିଂହ** ନୂତନ କର୍ମକ୍ଷେତ୍ରରେ ଯୋଗ ଦେବେ। ଧର୍ମାନୁଷ୍ଠାନରେ ସମୟ ଅତିବାହିତ ହେବ। କଳା ଓ ସାହିତ୍ୟ କ୍ଷେତ୍ରରେ ଆଗକୁ ବଢ଼ିବେ। ପରିବାରରେ ମନୋମାଳିନ୍ୟ ଦେଖାଦେବ।

**କନ୍ୟା** ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ତୁଳା** କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ବିଛା** ପରିବାରରେ ଶାନ୍ତିର ବାତାବରଣ ଦେଖାଦେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ଚିନ୍ତାରୁ ମୁକ୍ତି ମିଳିବ। କଳାକାରମାନେ ପ୍ରଶଂସିତ ହେବେ। ଶାରୀରିକ ସୁସ୍ଥତା ଅନୁଭବ କରିବେ।

**ଧନୁ** ଆର୍ଥିକ ପରିସ୍ଥିତି ସୁଦୃଢ଼ ହେବ। ସାଙ୍ଗଠନିକ କାର୍ଯ୍ୟରେ ଦକ୍ଷତା ପ୍ରତିପାଦିତ କରିବେ। ନୂଆ ଦପ୍ତର ଖୋଲିବା ସହିତ ଧର୍ମାନୁଷ୍ଠାନ ସହିତ ଯୋଡି ହେବାର ସୁଯୋଗ ରହିଛି। ପରିବାରରେ ଶାନ୍ତି ବଜାୟ ରହିବ।

**ମକର** ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଜମିଜମାର ବିବାଦ ବଢ଼ିଯିବ। ପାରିବାରିକ ଶାନ୍ତି ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ଅସୁସ୍ଥତା ଅନୁଭବ କରିବେ। ବ୍ୟବସାୟୀମାନେ ଅଧିକ ଲାଭବାନ ହେବେ।

**କୁମ୍ଭ** ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ଆସିବ। ନୂତନ କର୍ମରେ ଯୋଗ ଦେଇ ଖୁସି ଅନୁଭବ କରିବେ। ବିବାହ ଆଶାୟୀମାନେ ଅସଫଳ ହେବେ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ ଅସଫଳ ହେବେ। ରାଜନୈତିକ ବ୍ୟକ୍ତିମାନେ ଅଶୁଭଫଳ ପାଇବେ।

**ମୀନ** ଛାତ୍ରଛାତ୍ରୀମାନେ ଅଧିକ ପରିଶ୍ରମ କରି ସଫଳତା ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଗୃହରେ ଶାନ୍ତିର ବାତାବରଣ ଦେଖାଦେବ। ଋଣରୁ ମୁକ୍ତି ମିଳିବ। ଲାଗି ରହିଥିବା ସମସ୍ୟାର ସମାଧାନ ଘଟିବ।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

# ମୋଦି କ୍ୟାବିନେଟ୍‌ରେ ସ୍ଥାନ ପାଇବେ ନୂଆ ମୁହଁ



**ନୂଆଦିଲ୍ଲୀ :** ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭେଟି ଇସ୍ତଫା ଦେବା ସହ ଷୋଡ଼ଶ ଲୋକସଭା ଭଙ୍ଗ କରିବାକୁ ସୁପାରିସ୍ କରିଥିଲେ। ରାଷ୍ଟ୍ରପତି ଶ୍ରୀ କୋବିନ୍ଦ ପ୍ରଧାନମନ୍ତ୍ରୀଙ୍କ ଇସ୍ତଫା ଗ୍ରହଣ କରିନେବା ପରେ ଲୋକସଭା ଭଙ୍ଗ ହୋଇଛି। ତେବେ ନୂଆ ସରକାର ଦାୟିତ୍ୱ ନେବା ପର୍ଯ୍ୟନ୍ତ କାର୍ଯ୍ୟ କରିବା ଲାଗି ଶ୍ରୀ ମୋଦିଙ୍କୁ ରାଷ୍ଟ୍ରପତି ଅନୁରୋଧ କରିଛନ୍ତି ବୋଲି ରାଷ୍ଟ୍ରପତି ଭବନ ପକ୍ଷରୁ ଜାରି ଏକ ପ୍ରେସ୍ ଇସ୍ତାହାରରେ କୁହାଯାଇଛି। ଏଥିପୂର୍ବରୁ କେନ୍ଦ୍ର କ୍ୟାବିନେଟ୍‌ରେ ଲୋକସଭା ଭଙ୍ଗ ପାଇଁ ଏକ ପ୍ରସ୍ତାବ ଗୃହୀତ ହୋଇଥିଲା। ରାଷ୍ଟ୍ରପତିଙ୍କୁ ଲୋକସଭା ଭଙ୍ଗ ପାଇଁ ଏହି ପ୍ରସ୍ତାବରେ ସୁପାରିସ କରାଯାଇଥିଲା। ରାଷ୍ଟ୍ରପତି ଏହାକୁ ଗ୍ରହଣ କରିଛନ୍ତି। ଷୋଡ଼ଶ ଲୋକସଭାର ମିଆଦ ଜୁନ୍ ୩ରେ ଶେଷ ହେବ। ଏହା ପୂର୍ବରୁ ସପ୍ତଦଶ ଲୋକସଭା ଗଠନ କରାଯିବ। ନରେନ୍ଦ୍ର ମୋଦି ଖୁବ୍‌ଶୀଘ୍ର ନୂଆ ଇନିଂସ୍ ଆରମ୍ଭ କରିବାକୁ ଯାଉଛନ୍ତି। ନୂଆ କ୍ୟାବିନେଟ୍ ଗଠନ ନେଇ କସରତ୍ ଆରମ୍ଭ ହୋଇଯାଇଛି। ଏଥର ତାଙ୍କ ମନ୍ତ୍ରିମଣ୍ଡଳରେ କେତେକ ନୂଆ ମୁହଁ ସ୍ଥାନ ପାଇବା ସମ୍ଭାବନା ରହିଛି। ମୋଦି ମହାରଥୀଙ୍କ ସାରଥୀ ଅମିତ୍ ଶାହଙ୍କୁ ନୂଆ କ୍ୟାବିନେଟ୍‌ରେ ସ୍ଥାନ ମିଳିବ ବୋଲି ଚର୍ଚ୍ଚା ହେଉଛି। ତାଙ୍କୁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଦିଆଯାଇ ପୂର୍ବରୁ ଏହି ଦାୟିତ୍ୱରେ ଥିବା ରାଜନାଥ ସିଂହଙ୍କୁ ପ୍ରତିରକ୍ଷା ମନ୍ତ୍ରଣାଳୟ ଦିଆଯାଇପାରେ। ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ପୁଣି ମୋଦି କ୍ୟାବିନେଟ୍‌ରେ ସ୍ଥାନ ପାଇବା ଏକ ପ୍ରକାର ନିଶ୍ଚିତ ଥିଲେ ମଧ୍ୟ ସୁଷମା ସ୍ୱରାଜଙ୍କ ସ୍ଥାନରେ ତାଙ୍କୁ ବୈଦେଶିକ ମନ୍ତ୍ରଣାଳୟ ଦାୟିତ୍ୱ ଦିଆଯିବାର ସମ୍ଭାବନା ଅଛି। ସ୍ୱରାଜ ତାଙ୍କ ପୂର୍ବ ଦାୟିତ୍ୱ ବଜାୟ ରଖିବାକୁ ଚାହୁଁଥିଲେ ମଧ୍ୟ ତାଙ୍କର ସ୍ୱାସ୍ଥ୍ୟବସ୍ଥା ତାଙ୍କୁ ଅନୁକୂଳ ହେଉନାହିଁ। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଆମେଥିରେ ହରାଇ ଲୋକସଭାକୁ ନିର୍ବାଚିତ ହୋଇଥିବା ସ୍ମୃତି ଇରାନୀଙ୍କୁ ଏଭଳି ସଫଳତା ପାଇଁ ଏକ ବଡ଼ ପୁରସ୍କାର ମିଳିବ ବୋଲି ଚର୍ଚ୍ଚା ହେଉଛି। ଆଇନ ମନ୍ତ୍ରଣାଳୟ ସମ୍ଭାଳୁଥିବା ରବି ଶଙ୍କର ପ୍ରସାଦଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟ ଦିଆଯାଇ ପାରେ। ସେହିପରି ସଂଖ୍ୟାଲଘୁ ବ୍ୟାପାର ଦାୟିତ୍ୱରେ ଥିବା ମୁକ୍ତାର ଆବାସ ନକ୍‌ଭିଙ୍କୁ ଏଥର କ୍ୟାବିନେଟ୍ ର୍ୟାଙ୍କ୍ ମିଳିପାରେ। ସେ ମୋଦି ଟିମ୍‌ରେ ସବୁଠାରୁ ପ୍ରମୁଖ ମୁସଲିମ୍ ମୁହଁ ଭାବେ ଚର୍ଚ୍ଚିତ। ଧର୍ମେନ୍ଦ୍ର ପ୍ରଧାନ, ଜଗତ ପ୍ରସାଦ ନଡ୍ଡା ଓ ପ୍ରକାଶ ଜାଭଡେକରଙ୍କୁ କ୍ୟାବିନେଟ୍‌ରେ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ମିଳିପାରେ। ଅନ୍ୟପଟେ ବରିଷ୍ଠ ନେତା ଲାଲକୃଷ୍ଣ ଆଡଭାନୀଙ୍କୁ ଭେଟିଛନ୍ତି। ସେମାନଙ୍କ

### ରାଷ୍ଟ୍ରପତିଙ୍କୁ ଭେଟି ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀ

### ଆଡଭାନୀଙ୍କ-ଯୋଶୀଙ୍କ ଆଶୀର୍ବାଦ ନେଲେ

ଅବଦାନ ପାଇଁ ଦଳର ଅଭିବୃଦ୍ଧି ଘଟିଥିବା ମୋଦି ସ୍ୱୀକାର କରିଛନ୍ତି। ସାକ୍ଷାତ ପରେ ମୋଦି ଟ୍ୱିଟ୍ କରି କହିଛନ୍ତି ଯେ, ଆଡଭାନୀଙ୍କ ଭଳି ମହାନ ନେତାମାନଙ୍କ ଅବଦାନ ଓ ଦଶନ୍ଧି ଦଶନ୍ଧି ଧରି ପରିଶ୍ରମ ପାଇଁ ବିଜେପି ଆଜି ସଫଳ ହୋଇଛି। ମୋଦିଙ୍କ ସହ ଅମିତ ଶାହା ମଧ୍ୟ ଉପସ୍ଥିତ ରହିଥିଲେ। ଏହାପରେ ସେମାନେ ବରିଷ୍ଠ ନେତା ମୁରଲୀ ମନୋହର ଯୋଶୀଙ୍କୁ ଭେଟିଥିଲେ। ଏହାପରେ ମୋଦି ଟ୍ୱିଟ୍ କରି କହିଛନ୍ତି ଯେ, ଡ. ମୁରଲୀ ମନୋହର ଯୋଶୀ ଜଣେ ବୁଦ୍ଧିଜୀବୀ ସହିତ ଦକ୍ଷ ବ୍ୟକ୍ତି। ଭାରତୀୟ ଶିକ୍ଷା ବ୍ୟବସ୍ଥାର ଉନ୍ନତିରେ ତାଙ୍କର ଅବଦାନ ଉଲ୍ଲେଖନୀୟ।

# ବିଜେପି @୩୦୩



**ନୂଆଦିଲ୍ଲୀ :** ଚଳିତ ସାଧାରଣ ନିର୍ବାଚନରେ ବିଜେପି ରେକର୍ଡ ସଂଖ୍ୟକ ଆସନ ଦଖଲ କରି ସରକାର ଗଠନ କରିବାକୁ ଯାଉଛି। ସାରା ଦେଶରେ ମୋଦି ସୁନାମୀ ବିରୋଧୀଙ୍କ ଶିବିରକୁ ଧ୍ୱସ୍ତବିଧ୍ୱସ୍ତ କରିଦେଇଛି। ଗତକାଲିଠାରୁ ୫୪୨ ଲୋକସଭା ଆସନ ପାଇଁ ଗଣତି ଚାଲିଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ଚୂଡାନ୍ତ ଫଳାଫଳ ଘୋଷଣା କରାଯାଇଛି। ଘୋଷଣା ଅନୁଯାୟୀ ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ୫୪୨ ଲୋକସଭା ଆସନରୁ ୩୫୧ଟିରେ ବିଜୟୀ ହୋଇଛି। ଏକାକୀ ବିଜେପି ୩୦୩ଟି ଆସନରେ ବାଜିମାତ କରିଛି। ଏଭଳି ୩୦୦ରୁ ଅଧିକ ସଂଖ୍ୟକ ଆସନ ଜିତି ସରକାର ଗଠନ କରିବାରେ ବିଜେପି ରେକର୍ଡ କରିଛି। ପୂର୍ବରୁ ୧୯୮୪ରେ ଇନ୍ଦିରା ଗାନ୍ଧିଙ୍କ ହତ୍ୟା ପରେ କଂଗ୍ରେସ ଏହାଠାରୁ ବଡ ସଫଳତା ହାସଲ କରିଥିଲା। ୧୯୮୪ ଲୋକସଭା ନିର୍ବାଚନରେ କଂଗ୍ରେସ ଏକାକୀ ୪୧୪ଟି ଆସନ ଜିତିଥିବା ବେଳେ ବିଜେପି ମାତ୍ର ୨ଟି ଆସନ ପାଇଥିଲା। ଏଥର ବିଜେପି ୩୦୩ଟି ଆସନ ଜିତିଥିବା ବେଳେ କଂଗ୍ରେସ ଏକାକୀ ୫୨ଟି ଆସନ ପାଇଛି। ୨୦୧୪ରେ ବିଜେପି ୨୮୨ଟି ଆସନ ଜିତିଥିବା ବେଳେ କଂଗ୍ରେସ ୪୪ଟି ଆସନ ପାଇଥିଲା। ଏହି ୫ବର୍ଷ ମଧ୍ୟ କଂଗ୍ରେସ ସଂଘର୍ଷ କରି ମାତ୍ର ୮ଟି ଅଧିକ ଆସନ ପାଇବାକୁ ସକ୍ଷମ ହୋଇଛି। ନିର୍ବାଚନ କମିଶନଙ୍କ ସୂଚନା ଅନୁଯାୟୀ, ବିଜେପି ଗୁଜୁରାଟ, ହରିଆଣା ଓ ଦିଲ୍ଲୀ ଭଳି ରାଜ୍ୟରେ କ୍ଲିନ୍ ସୁଇପ୍ କରିଛି। ଏନ୍‌ଡିଏ ୩୫୧ଟି ଆସନରେ ଜିତିଥିବା ବେଳେ ୟୁପିଏ ୯୧ଟି ଆସନ ପାଇଛି। ସେହିପରି ଅନ୍ୟାନ୍ୟ ଦଳ ୧୦୦ଟି ଆସନ ଦଖଲ କରିଛନ୍ତି। ବିଜେପିକୁ ସବୁଠାରୁ ବଡ ଝଟ୍‌କା ମିଳିଛି ତାମିଲନାଡୁରେ। ଏଠାରେ ଦଳ ଆଦୌ ଖାତା ଖୋଲିପାରିନାହିଁ। ଏଠାରେ କଂଗ୍ରେସ-ଡିଏମ୍‌କେ ଯୋଡି ଭୋଟ୍ ହୋଇଥିବା ୩୮ଟି ଆସନରୁ ୩୭ଟିରେ ବାଜିମାତ କରିଥିବା ବେଳେ ଶାସକ ଏଆଇଏଡିଏମ୍‌କେ ମାତ୍ର ଗୋଟିଏ ଆସନ ପାଇଛି। ଗତଥର ଏଆଇଏଡିଏମ୍‌କେ ଏଠାରେ ୩୮ଟି ଆସନ ଜିତିଥିଲା। ଦଳ ବିଜେପି ସହ ମେଣ୍ଟ କରିବା ବୁମେରାଂ ହେଲା ବୋଲି ଚର୍ଚ୍ଚା ହେଉଛି। ବିହାରରେ ବିଜେପି ଓ ଜେଡିୟୁ ମେଣ୍ଟ ୪୦ଟି ଆସନରୁ ୩୯ଟିରେ ଜିତିଥିଲା ବେଳେ କଂଗ୍ରେସ ଓଆରଜେଡି ମେଣ୍ଟ ଗୋଟିଏ ଆସନ ପାଇଛନ୍ତି। ନିକଟରେ ଶେଷ ହୋଇଥିବା ରାଜସ୍ଥାନ, ଛତିଶଗଡ଼ ଓ ମଧ୍ୟପ୍ରଦେଶ ବିଧାନସଭାରେ ବିଜେପି ପରାସ୍ତ ହୋଇଥିଲା। କିନ୍ତୁ ଲୋକସଭାରେ ଦଳ ଏକତରଫା ବିଜୟ ହାସଲ କରିଛି। ମଧ୍ୟପ୍ରଦେଶରେ ବିଜେପି ୨୯ଟି ଆସନରୁ ୨୮ଟିରେ ଜିତିଥିବା ବେଳେ କଂଗ୍ରେସ ୧ଟି ଆସନ ପାଇଛି। ରାଜସ୍ଥାନର ସମସ୍ତ ୨୫ଟି ଆସନ ବିଜେପି ପାଇଛି। ଛତିଶଗଡର ୧୧ଟି ଆସନରୁ ବିଜେପି ୯ଟି ଓ କଂଗ୍ରେସ ୨ଟି ଆସନ ଜିତିଛି। ମହାରାଷ୍ଟ୍ରରେ ବିଜେପି ଓ ଶିବସେନା ଯୋଡି କମାଲ କରିଛନ୍ତି। ରାଜ୍ୟର ୪୮ଟି ଆସନରୁ ଏହି ମେଣ୍ଟ ୪୧ଟି ଆସନ ଦଖଲ କରିଛି। କଂଗ୍ରେସ ମେଣ୍ଟ ୫ଟି ଓ ଅନ୍ୟ ଦଳଙ୍କ ଖାତାକୁ ୨ଟି ଆସନ ଯାଇଛି। ପଞ୍ଜାବରେ କଂଗ୍ରେସ ୧୩ଟିରୁ ୮ଟି ଜିତିଥିବା ବେଳେ ବିଜେପି ଓ ଏସ୍‌ଏଡି ଯୋଡି ୪ଟି ଓ ଆପ୍ ଗୋଟିଏ ଆସନ ଜିତିଛି। ହରିଆଣାର ୧୦ଟି ଯାକ ଆସନ ବିଜେପି ଜିତିଛି। ଝାରଖଣ୍ଡର ୧୪ଟି ଲୋକସଭା ଆସନରୁ ବିଜେପି ୧୨ଟି ଓ କଂଗ୍ରେସ ୨ଟି ଆସନ ପାଇଛି। ଦିଲ୍ଲୀରେ ମଧ୍ୟ ବିଜେପି ୭ଟି ଯାକ ଆସନ ପାଇଛି। କେରଳରେ ବିଜେପି ଖାତା ଖୋଲି ପାରିନାହିଁ। ଏଲ୍‌ଡିଏଫ୍ ୧ଟି ଆସନ ଜିତିଥିବା ବେଳେ କଂଗ୍ରେସ ଓ ୟୁଡିଏଫ୍ ୧୯ଟି ଆସନ ପାଇଛନ୍ତି। ଗୁଜୁରାଟରେ ବିଜେପି ୨୬ଟି ଯାକ ଆସନ ଜିତିଛି। ପଶ୍ଚିମବଙ୍ଗରେ ବିଜେପି ଧସେଇ ପଶିବାକୁ ସକ୍ଷମ ହୋଇଛି। ଏଠାରେ ଦଳ ୪୨ଟି ଲୋକସଭା ଆସନରୁ ୧୮ଟିରେ ଜିତିଥିବା ବେଳେ ଶାସକ ଟିଏମ୍‌ସି ୨୨ଟି ଜିତିଛି। କଂଗ୍ରେସ ୨ଟି ଆସନରେ ଜିତିଛି। ଉତ୍ତରାଖଣ୍ଡରେ ବିଜେପି ୫ଟି ଯାକ ଆସନ ଦଖଲ କରିଛି। ଓଡ଼ିଶାରେ ବିଜେପି ୮ଟିରେ ଜିତିଥିବା ବେଳେ ଶାସକ ବିଜେଡି ଖାତାକୁ ୧୨ଟିରେ ଓ କଂଗ୍ରେସ ଗୋଟିଏ ଆସନରେ ଜିତିଛି। କର୍ଣ୍ଣାଟକରେ କଂଗ୍ରେସ ଓ ଜେଡିଏସ୍‌ର ମେଣ୍ଟ ସରକାର ଥିଲେ ହେଁ ବିଜେପି ୨୮ଟି ଲୋକସଭା ଆସନରୁ ୨୫ଟିରେ ଜିତିଛି। କଂଗ୍ରେସ ଜେଡିଏସ୍ ଯୋଡି ୨ଟି ଆସନ ପାଇଛନ୍ତି। ଅନ୍ୟାନ୍ୟ ଦଳଙ୍କ ଖାତାକୁ ଗୋଟିଏ ଆସନ ଯାଇଛି। ହିମାଚଳ ପ୍ରଦେଶରେ ମଧ୍ୟ ବିଜେପି କ୍ଲିନ୍ ସୁଇପ୍ କରି ୪ଟି ଯାକ ଆସନ ପାଇଛି। ଆନ୍ଧ୍ର ପ୍ରଦେଶରେ ବିଜେପି କିମ୍ବା କଂଗ୍ରେସ ଖାତା ଖୋଲି ପାରିନାହାନ୍ତି। ଆନ୍ଧ୍ରର ୨୫ଟି ଆସନରୁ ୱାଇଏସ୍‌ଆର କଂଗ୍ରେସ ୨୨ଟି ଆସନ ପାଇଥିବା ବେଳେ ଟିଡିପି ୩ଟି ଆସନ ପାଇଛି। ତେଲେଙ୍ଗାନାରେ ବିଜେପି ୪ଟି ଆସନ ପାଇଥିବା ବେଳେ କେସିଆରଙ୍କ ଟିଆରଏସ୍ ୯ଟି, କଂଗ୍ରେସ ୩ଟି ଓ ଅନ୍ୟାନ୍ୟ ଦଳ ଗୋଟିଏ ଆସନ ପାଇଛନ୍ତି।

# ଦଳ ଓ ପଦରୁ ଇସ୍ତଫା ଦେବେ ବ୍ରିଟେନ ପ୍ରଧାନମନ୍ତ୍ରୀ



**ଲଣ୍ଡନ :** ବ୍ରିଟେନ ପ୍ରଧାନମନ୍ତ୍ରୀ ଥେରେସା ମେ' ନିଜ କଞ୍ଜରଭେଟିଭ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିବା ଶୁକ୍ରବାର ଘୋଷଣା କରିଛନ୍ତି। ଘୋଷରା ଅନୁସାରେ ଜୁନ୍ ୭ ତାରିଖଷର ସେ ଓ ଦଳ ଓ ଦଳୀୟ ପଦରୁ ଇସ୍ତଫା ଦେବେ। ପ୍ରଧାନମନ୍ତ୍ରୀ ପଦର କାର୍ଯ୍ୟଭାର ସମ୍ଭାଳିବା ପାଇଁ ନୂଆ ନେତାଙ୍କ ଚୟନ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ସେ ପ୍ରାୟ ୩ ବର୍ଷ ହେବ ବ୍ରିଟେନକୁ ୟୁରୋପୀୟ ସଂଘରୁ ଅଲଗା କରିବା (ବ୍ରିକ୍‌ଜିଟ୍) ପାଇଁ ପ୍ରୟାସ କରୁଛନ୍ତି। ଏଥିପାଇଁ ଅନେକ ଥର ସମୟ ସୀମା ବୃଦ୍ଧି କରାଯାଇଛି। ବ୍ରିକ୍‌ଜିଟ୍ ନେଇ ଦଳୀୟ ନେତା ଖୋଲାଖୋଲି ତାଙ୍କୁ ବିରୋଧ କରୁଛନ୍ତି। ଦଳୀୟ ସାଂସଦଙ୍କୁ ବୁଝାଇବାକୁ ଚେଷ୍ଟା କରି ସେ ବିଫଳ ହେବା ପରେ ଦଳରୁ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଥାଉ କି, ବ୍ରିକ୍‌ଜିଟ୍‌କୁ ନେଇ ବ୍ରିଟେନରେ ରାଜନୈତିକ ସଙ୍କଟ ଘନେଇଥିଲା। ଏବେବି ଏହି ରାଜନୈତିକ ସଙ୍କଟ ଜାରି ରହିଛି। ବ୍ରିକ୍‌ଜିଟ୍ ନେଇ ୨୦୧୬ ଜୁନ୍ ୨୩ରେ ଜନମତ ସଂଗ୍ରହ କରାଯାଇଥିଲା। ଏଥିରେ ୫୨% ଲୋକ ୟୁରୋପୀୟ ସଂଘରୁ ଅଲଗା ହେବା (ବ୍ରିକ୍‌ଜିଟ୍) ପାଇଁ ମତ ଦେଇଥିଲେ। ଏହି ଭୋଟିଂର ଗୋଟିଏ ଦିନ ପରେ ପ୍ରଧାନମନ୍ତ୍ରୀ ଡେଭିଡ କ୍ୟାମରନ ନିଜ ପଦରୁ ଇସ୍ତଫା ଦେଇଥିଲେ। ୨୦୧୬ ଜୁଲାଇ ୧୩ରୁ ଥେରେସା ବ୍ରିଟେନର ପ୍ରଧାନମନ୍ତ୍ରୀ ଅଛନ୍ତି। ସେ ୨ ବର୍ଷ ମଧ୍ୟରେ ବ୍ରିକ୍‌ଜିଟ୍ ପ୍ରକ୍ରିୟା ପୂରଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ସେ ଏଥିରେ ସଫଳ ହୋଇପାରିନାହାନ୍ତି।

# ଶପଥ ନେଲେ ସୁପ୍ରିମ୍‌କୋର୍ଟର ୪ ନୂଆ ବିଚାରପତି



**ନୂଆଦିଲ୍ଲୀ :** ସୁପ୍ରିମ୍‌କୋର୍ଟର ୪ ନୂଆ ବିଚାରପତି ଶୁକ୍ରବାର ଶପଥ ଗ୍ରହଣ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ ସେମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଛନ୍ତି। ଏହାସହ ସର୍ବୋଚ୍ଚ ଅଦାଲତରେ ବିଚାରପତିଙ୍କ ନିର୍ଦ୍ଧାରିତ ସଂଖ୍ୟା (୩୧) ପୂର୍ଣ୍ଣ ହୋଇଛି। ଏହି ନୂଆ ବିଚାରପତି ହେଲେ ଜଷ୍ଟିସ୍ ଅନିରୁଦ୍ଧ ବୋଷ, ଜଷ୍ଟିସ୍ ଏଏସ୍ ବୋପନ୍ନା, ଜଷ୍ଟିସ ବିଆର ଗଭାଇ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତ। କଲେଜିୟମ କିଛି ଦିନ ତଳେ ଉପରୋକ୍ତ ଜଜଙ୍କ ନାମର ସୁପାରିଶ କେନ୍ଦ୍ର ପାଖକୁ ପଠାଇଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ ବୁଧବାର ୪ଜଜଙ୍କ ନିଯୁକ୍ତିକୁ ମଞ୍ଜୁରୀ ପ୍ରଦାନ ପୂର୍ବକ ନୋଟିସ୍ ଜାରି କରିଥିଲେ। କେନ୍ଦ୍ର ସରକାର ୨୦୦୮ରେ ସୁପ୍ରିମ୍‌କୋର୍ଟଙ୍କ ଜଜ ସଂଖ୍ୟା ୨୬ରୁ ୩୧କୁ ବୃଦ୍ଧି କରିଥିଲେ। ଏହା ପରଠାରୁ କୌଣସି ନା କୌଣସି ଜଜ ପଦ ଖାଲି ରହୁଥିଲା। ଏବେ ପ୍ରଥମଥର ସୁପ୍ରିମ୍‌କୋର୍ଟର ଧାର୍ଯ୍ୟ ଜଜଙ୍କ ସଂଖ୍ୟା ପୂର୍ଣ୍ଣ ହୋଇଛି। ବରିଷ୍ଠତା କ୍ରମରେ ଜଷ୍ଟିସ ଗଭାଇ ୨୦୨୫ରେ ୬ମାସ ପାଇଁ ପ୍ରଧାନ ବିଚାରପତି ହେବେ। ଏହାପରେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ତାଙ୍କ ଉତ୍ତରାଧିକାରୀ ଭାବେ ୨୦୨୫ ନଭେମ୍ବରରୁ ୨୦୨୭ ଫେବୃଆରୀ ପର୍ଯ୍ୟନ୍ତ ପ୍ରଧାନ ବିଚାରପତି ପଦ ସମ୍ଭାଳିବେ। ଜଷ୍ଟିସ୍ ଗଭାଇ ବମ୍ବେ ହାଇକୋର୍ଟର ବିଚାରପତି, ଜଷ୍ଟିସ ସୂର୍ଯ୍ୟକାନ୍ତ ହିମାଚଳପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ରହିଥିଲେ। ଜଷ୍ଟିସ୍ ବୋଷ ଝାଡଖଣ୍ଡ ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ ଓ ବରିଷ୍ଠତାରେ ସେ ୧୨ ନମ୍ବର ସ୍ଥାନରେ ଅଛନ୍ତି। ଜଷ୍ଟିସ ବୋପନ୍ନା ଗୁଆହାଟି ହାଇକୋର୍ଟର ମୁଖ୍ୟ ବିଚାରପତି ଥିଲେ ଓ ସେ ବରିଷ୍ଠତାରେ ୩୬ ନମ୍ବର ସ୍ଥାନରେ ଅଛନ୍ତି।

# ଦକ୍ଷିଣ ଚୀନ୍ ସାଗରରେ ଆମେରିକା ଯୁଦ୍ଧ ଜାହାଜ



**ୱାଶିଂଟନ :** ବିଶ୍ୱର ଦୁଇ ବିତ୍ତଶାଳୀ ଦେଶ ଯୁକ୍ତରାଷ୍ଟ୍ର ଆମେରିକା ଓ ଚୀନ୍ ମଧ୍ୟରେ ବିବାଦ କ୍ରମେ ଘନୀଭୂତ ହେଉଛି। ଆମେରିକାର ଯୁଦ୍ଧ ଜାହାଜ ଦକ୍ଷିଣ ଚୀନ୍ ସାଗରରେ ପ୍ରବେଶ କରି ଚୀନକୁ ଏକପ୍ରକାର ଚାଲେଞ୍ଜ କରିଥିଲା। ଏହାକୁ ନେଇ ଆମେରିକା-ଚୀନ ବାଣିଜ୍ୟ ସମ୍ପର୍କ ଉପରେ ପ୍ରଭାବ ପଡ଼ିବାର ଆଶଙ୍କା ଉପୁଜିଛି। ତାଇୱାନ ଉପରେ ଚୀନ୍‌ର ଦାଦାଗିରି, ଆମେରିକାର ବାଣିଜ୍ୟ କଟକଣା ଭଳି ସମ୍ବେଦନଶୀଳ ମାମଲାରେ ଦୁଇ ମହାଶକ୍ତି ମୁହାଁମୁହିଁ ହେବା ଅସମ୍ଭବ ନୁହେଁ। ଆମେରିକାକୁ ରପ୍ତାନି ହେଉଥିବା ଚୀନ ସାମଗ୍ରୀ ଉପରେ ଟ୍ରମ୍ପ ପ୍ରଶାସନ ବହିଃଶୁଳ୍କକୁ ୧୦%ରୁ ୨୫% ପର୍ଯ୍ୟନ୍ତ ବୃଦ୍ଧି କରିଥିବାରୁ ବେଜିଂ ଗଭୀର ଅସନ୍ତୋଷ ବ୍ୟକ୍ତ କରିଛି। ଗୋଟିଏ ପଟେ ବାଣିଜ୍ୟ ଶୁଳ୍କ ବୃଦ୍ଧି, ଅନ୍ୟପଟେ ଆମେରିକା ଯୁଦ୍ଧ ଜାହାଜ ଦକ୍ଷିଣ ଚୀନ ସାଗରର ସ୍କାରବରୋ ଅନ୍ତରୀପ ଆଡ଼କୁ ପ୍ରାୟ ୧୨ ନଟିକାଲ ମାଇଲ ପଶିଆସିବା ଘଟଣାରେ ବେଜିଂ ରାଗରେ ପାଚି ଲାଲ ପଡ଼ିଯାଇଛି। ଚୀନ ନୌସେନାର ବିନା ଅନୁମତିରେ ସୋଆଲ ଅନ୍ତରୀପ ନିକଟକୁ ଆସି ଆମେରିକା ଯୁଦ୍ଧ ଜାହାଜ ବିରାଟ ଭୁଲ କରିଛି। ଅତଏବ ଚୀନ ଜଳରାଶି ଭିତରୁ ତୁରନ୍ତ ବାହାରି ଯିବାକୁ ଚୀନ ନୌସେନା ଚେତାବନୀ ଦେଇଛି। ଚୀନ ବିଦେଶ ମନ୍ତ୍ରଣାଳୟ ପ୍ରବକ୍ତା ଲୁ କାଙ୍ଗ୍ ଗଣମାଧ୍ୟମକୁ ଜଣାଇଛନ୍ତି, ଚୀନ୍‌ର ସାର୍ବଭୌମତ୍ୱ, ଆଭ୍ୟନ୍ତରୀଣ ଶାନ୍ତି ଓ ନିରାପତ୍ତା ପ୍ରତି ଆମେରିକା ବିପଦ ସୃଷ୍ଟି କରୁଛି। ଆମେରିକା ଆପଣା ପ୍ରଭାବ ବିସ୍ତାର କରିବାକୁ ଯାଇ ଅନ୍ୟ ଦେଶର ସାର୍ବଭୌମତ୍ୱକୁ ଗୁରୁତ୍ୱ ଦେଉନାହିଁ। ଏଭଳି ମନୋଭାବରୁ କ୍ଷାନ୍ତ ରହିବାକୁ ବେଜିଂ ୱାଶିଂଟନ୍‌କୁ ତାଗିଦ୍ କରିଛି। ବିଗତ ମାସକ ଭିତରେ ଆମେରିକା ଯୁଦ୍ଧ ଜାହାଜ ଦକ୍ଷିଣ ଚୀନ ସାଗର ଭିତରେ ଦୁଇଥର ପଇଁତରା ମାରିଛି। ଗତ ବୁଧବାର ଆମେରିକା ନୌସେନା ମୁଖ୍ୟ କହିଛନ୍ତି ଯେ ଦକ୍ଷିଣ ଚୀନ ସାଗର ଉପରେ ଚୀନ୍ ଆବଶ୍ୟକଠାରୁ ଅଧିକ ସ୍ୱାଧୀନତା ଉପଭୋଗ କରିବାକୁ ଚାହୁଁଛି। ଆମେରିକା ନୌସେନା ପୃଥିବୀର ସମଗ୍ର ଜଳରାଶି ଉପରେ ହୁକୁମତ୍ କରିବାର ଅଧିକାର ଲାଭ କରିଛି। ଆମେରିକା ସହ ବନ୍ଧୁତ୍ୱ ସମ୍ପର୍କ ସ୍ଥାପନ କରିଥିବା ଦେଶଗୁଡ଼ିକର ସାର୍ବଭୌମତ୍ୱ, ଆଭ୍ୟନ୍ତରୀଣ ଶାନ୍ତି ଓ ନିରାପତ୍ତା ଉପରେ କଡ଼ା ଦୃଷ୍ଟି ରଖିବା ଟ୍ରମ୍ପ ପ୍ରଶାସନର ଅନ୍ୟତମ ପ୍ରଧାନ କର୍ତ୍ତବ୍ୟ। ତେଣୁ ଆମେରିକା ଜାହାଜକୁ ଅଟକାଇବା ଚୀନ ପକ୍ଷେ ବୁଦ୍ଧିମାନର କାମ ହେବନି। ଏଠାରେ ଜଣାଇ ଦିଆଯାଉଛି ଯେ ଦକ୍ଷିଣ ଚୀନ ସାଗର ଉପରେ ଜାପାନ, ଚୀନ୍ ଓ ଦକ୍ଷିଣ-ପୂର୍ବ ଏସିଆ ଅନ୍ତର୍ଗତ ଦେଶଗୁଡ଼ିକର ଅଧିକାର ଅଛି। କିନ୍ତୁ ଦକ୍ଷିଣ ଚୀନ ସାଗର ଭିତରେ ଚୀନ୍ ଦଖଲରେ ଥିବା ଦ୍ୱୀପ ଓ ସାମୁଦ୍ରିକ ଟାପୁ ଉପରେ ଅନ୍ୟ କାହାର ହସ୍ତକ୍ଷେପକୁ ବେଜିଂ ପ୍ରଶ୍ରୟ ଦିଏନାହିଁ। ବ୍ରୁନେଇ, ଇଣ୍ଡୋନେସିଆ, ମାଲେସିଆ, ଦି ଫିଲିପାଇନ୍ସ, ତାଇୱାନ ଓ ଭିଏତ୍‌ନାମ ଭଳି ଦେଶଗୁଡ଼ିକ ଦକ୍ଷିଣ ଚୀନ ସାଗର ଉପରେ ଆପଣା ଅଧିକାର ଜାହିର କରି ଆସୁଛନ୍ତି। ସେମାନେ ଦକ୍ଷିଣ ଚୀନ ସାଗର ଦେଇ ଅନ୍ୟ ଦେଶ ସହ ବାଣିଜ୍ୟ ବେପାର କରିବାକୁ ଅନ୍ୟତମ ଦାବିଦାର। ଦକ୍ଷିଣ ଚୀନ ସାଗରରେ ଚୀନର ସାମରିକ ଶକ୍ତି ବୃଦ୍ଧିକୁ ଆମେରିକା ଚାଲେଞ୍ଜ କରିଛି। ଆମେରିକାର ଯୁକ୍ତିକୁ ଅସ୍ୱୀକାର କରିଛି ଚୀନ। ଆତ୍ମରକ୍ଷା ପାଇଁ ସାମରିକ ଶକ୍ତି ବୃଦ୍ଧି କରୁଛି ବୋଲି ଚୀନ୍ ଯୁକ୍ତି କରିଛି। ଚୀନ୍ ମତରେ ଦକ୍ଷିଣ ଚୀନ ସାଗର ଅଞ୍ଚଳରେ ଯୁଦ୍ଧ ଜାହାଜ ଓ ବିମାନ ପଠାଇ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ପାଇଁ ଆମେରିକା ଦାୟୀ ରହିବ।



# ନୂଆ ସରକାର ଗଠନ ପାଇଁ ବିଜେଡିର ସଜବାଜ



**ଭୁବନେଶ୍ୱର:** ୧୪୬ ବିଧାନସଭା ଆସନରୁ ବିଜେଡି ୧୧୨ ଆସନ ଲାଭକରି ପଞ୍ଚମ ଥର ପାଇଁ ସରକାର ଗଠନ କରିବାକୁ ଉଦ୍ୟମ ଆରମ୍ଭ କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ଅପରାହ୍ଣରେ ନିଜେ ଇସ୍ତଫା ଦେବା ସହ ପଞ୍ଚଦଶ ବିଧାନସଭାକୁ ଭଙ୍ଗ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ସୁପାରିସ କରିଥିଲେ। ୨୦୧୯ ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି ଓ ରାଜ୍ୟରେ ନୂଆ ସରକାର ଗଠନ ପାଇଁ ପୂର୍ବ ବିଧାନସଭା ଭଙ୍ଗ ହେବାର ଆବଶ୍ୟକତା ରହିଛି ବୋଲି ନବୀନ ସୁପାରିସ ପତ୍ରରେ ଉଲ୍ଲେଖ କରିଥିଲେ। ନବୀନଙ୍କ ଇସ୍ତଫା ପତ୍ରକୁ ରାଜ୍ୟପାଳ ଗ୍ରହଣ କରିବା ସହ ନୂଆ ସରକାର ଗଠନ ହେବା ପର୍ଯ୍ୟନ୍ତ କାମଚଳା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳିବାକୁ ଅନୁରୋଧ କରିଛନ୍ତି। ସୂଚନା ଅନୁଯାୟୀ, ନବୀନ ପଟ୍ଟନାୟକ ଆସନ୍ତା ୨୯ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବାର ସମ୍ଭାବନା ରହିଛି। ଏଥିପାଇଁ ସଂସଦୀୟ ବ୍ୟାପାର ବିଭାଗ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ସହ ପ୍ରାୟ ୨୧ ଜଣ ମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ଜଣାପଡ଼ିଛି। ଫୋନି ବାତ୍ୟାରେ ରାଜ୍ୟରେ ବିଶେଷକରି ଭୁବନେଶ୍ୱରରେ ବ୍ୟାପକ କ୍ଷୟକ୍ଷତି ହୋଇଥିବାରୁ ଶପଥ ଗ୍ରହଣ ଉତ୍ସବକୁ ନିରାଡ଼ମ୍ବର କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ନିଜର ଶପଥ ଗ୍ରହଣ ଉତ୍ସବକୁ ନବୀନ ଅନ୍ୟ ରାଜ୍ୟର କେତେକ ମୁଖ୍ୟମନ୍ତ୍ରୀ ତଥା ଜାତୀୟ ନେତାଙ୍କୁ ଆମନ୍ତ୍ରଣ କରିବେ ବୋଲି ଜଣାପଡ଼ିଛି। ଏପଟେ ନବୀନଙ୍କ ମନ୍ତ୍ରିମଣ୍ଡଳରେ କିଏ ସ୍ଥାନ ପାଇବ ସେ ନେଇ ରାଜ୍ୟବ୍ୟାପୀ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଦଳର ପୁରୁଖା ନେତାଙ୍କଠାରୁ ଆରମ୍ଭ କରି ନବାଗତମାନେ ମଧ୍ୟ ନିଜ ନିଜ ସ୍ତରରେ ଲବି ଆରମ୍ଭ କରିଦେଲେଣି। ଏଥର ଦଳର ବହୁ ପୁରୁଖା ନେତା ବିଜୟୀ ହୋଇଥିବା ବେଳେ ଅନେକ ନବାଗତ ମଧ୍ୟ ବିଜୟର ଟିକା ପିନ୍ଧିଛନ୍ତି। ତେବେ ଦଳ ପ୍ରତି ଆନୁଗତ୍ୟ, ସାଙ୍ଗଠନିକ ଦକ୍ଷତା ତଥା ନିର୍ମଳ ଭାବମୂର୍ତ୍ତି ଥିବା ବ୍ୟକ୍ତିଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ସୂଚନା ମିଳିଛି। ଏମିତିକି ପ୍ରଥମଥର ପାଇଁ ନିର୍ବାଚିତ ହୋଇଥିବା କେତେକଙ୍କୁ ମଧ୍ୟ ନବୀନଙ୍କ ମନ୍ତ୍ରିମଣ୍ଡଳରେ ଦେଖିବାକୁ ମିଳିପାରେ। ତେଣୁ ଦଳ ପକ୍ଷରୁ ଏବେ ଏକ ସମ୍ଭାବ୍ୟ ମନ୍ତ୍ରୀ ତାଲିକା ପ୍ରସ୍ତୁତ ଚାଲିଛି।

## ବିଜେଡିର ନୂଆ ରେକର୍ଡ

# ଏଥର ସର୍ବାଧିକ ମହିଳା ବିଧାୟକ

**ଭୁବନେଶ୍ୱର :** ରାଜ୍ୟରେ କ୍ରମାଗତ ପଞ୍ଚମଥର କ୍ଷମତାସୀନ ହେବାକୁ ଯାଉଥିବା ବିଜେଡିର ଆଉଏକ ନୂଆ ରେକର୍ଡ ସ୍ଥାପନ କରିଛି। ଗତ ଦୁଇଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ବିଜେଡିର ସର୍ବାଧିକ ୧୨ଜଣ ମହିଳା ବିଧାୟକ ନିର୍ବାଚିତ ହୋଇ ଆସିଛନ୍ତି। ଅନ୍ୟପକ୍ଷେ ବିଜେପିର କୁସୁମ ଟେଟେ ଏକମାତ୍ର ମହିଳା ବିଧାୟକ ଭାବେ ବିଜୟୀ ହୋଇଛନ୍ତି। ୨୦୧୪ ବିଧାନସଭାରେ ମୋଟ ମହିଳା ବିଧାୟକଙ୍କ ସଂଖ୍ୟା ୧୨ ଥିବା ବେଳେ ଚଳିତଥର ଏହା ବୃଦ୍ଧି ପାଇ ୧୩ରେ ପହଞ୍ଚିଛି। ଚଳିତଥର ବିଧାନସଭାରେ ବିଜେଡିର ମହିଳା ବିଧାୟକଙ୍କ ସଂଖ୍ୟା ସବୁଠୁ ଅଧିକ ରହିଛି। ୨୦୧୪ ମସିହା ନିର୍ବାଚନରେ ବିଜେଡିର ୧୧ଜଣ ଓ ବିଜେପିର ଜଣେ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଥିବା ବେଳେ ୨୦୦୯ ବିଧାନସଭା ନିର୍ବାଚନରେ ବିଜେଡିର ୬ଜଣ ଓ କଂଗ୍ରେସର ଜଣେ ମହିଳା, ୨୦୦୪ ନିର୍ବାଚନରେ ବିଜେଡିର ୪ଜଣ, ବିଜେପିର



୫ଜଣ, କଂଗ୍ରେସର ୨ଜଣ ଓ ଜଣେ ସ୍ୱାଧୀନ ମହିଳା ବିଧାୟକ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ସେହିପରି ୨୦୦୦ ମସିହା ନିର୍ବାଚନରେ ବିଜେଡିର ୯ଜଣ, ବିଜେପିର ୨ଜଣ ଓ କଂଗ୍ରେସର ୩ଜଣ ମହିଳା ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ବିଧାନସଭାରେ ୨୦୦୦ ମସିହାରେ ୧୪ଜଣ, ୨୦୦୪ରେ ୧୨ଜଣ ମହିଳା, ୨୦୦୯ରେ ୭ଜଣ ମହିଳା, ୨୦୧୪ରେ ୧୨ଜଣ ମହିଳା ବିଧାୟକ ଥିବା ବେଳେ ୨୦୧୯ ନିର୍ବାଚନରେ ୧୩ଜଣ ମହିଳା ନିର୍ବାଚିତ ହୋଇଛନ୍ତି। ବିଜେଡି ଏଥର ବିଧାନସଭା ନିର୍ବାଚନରେ ୧୯ଜଣ ମହିଳାଙ୍କୁ ପ୍ରାର୍ଥୀ କରିଥିବା ବେଳେ ସେମାନଙ୍କ ମଧ୍ୟରୁ ୭ଜଣ ପରାଜିତ ହୋଇଛନ୍ତି। ସେମାନେ ହେଲେ ସରୋଜିନୀ ହେମ୍ବ୍ରମ (ବାରିପଦା), ପୂର୍ଣ୍ଣବାସୀ ନାୟକ (ମୋହନା), କଲ୍ୟାଣୀ ଗଜପତି (ପାରଳାଖେମୁଣ୍ଡି), ବାସନ୍ତୀ ମାରାଣ୍ଡି (ରାଇରଙ୍ଗପୁର), ରୀନା ତନ୍ତୀ (ରେଙ୍ଗାଲୀ), ରାସେଶ୍ୱରୀ ପାଣିଗ୍ରାହୀ (ସମ୍ବଲପୁର) ଓ ନନ୍ଦିନୀ ଦେବୀ (ସାନଖେମୁଣ୍ଡି)ଙ୍କୁ ପରାଜିତ ହେବାକୁ ପଡିଛି। ତେବେ ବିଜେଡିର ପଦ୍ମିନୀ ଦିଆନ, ଉଷା ଦେବୀ, ସ୍ନେହାଙ୍ଗିନୀ ଛୁରିଆ, ମଞ୍ଜୁଳା ସ୍ୱାଇଁ, ଲତିକା ପ୍ରଧାନ, ଟୁକୁନି ସାହୁ, ମୀନାକ୍ଷୀ ମହନ୍ତ, ବାସନ୍ତୀ ହେମ୍ବ୍ରମ, ସୀମାରାଣୀ ନାୟକ, ସୁନନ୍ଦା ଦାସ, ପ୍ରମିଳା ମଲ୍ଲିକ, କେକେ ସୂର୍ଯ୍ୟମଣି ବିଜୟୀ ହୋଇଛନ୍ତି। ଏଥିରେ ଉଷା, ସ୍ନେହାଙ୍ଗିନୀ, ଟୁକୁନି, ସୀମା ଓ ପ୍ରମିଳା ପୁନର୍ବାର ନିର୍ବାଚିତ ହୋଇଛନ୍ତି। ଅପରପକ୍ଷରେ ଗତ ବିଧାନସଭାରେ ବିଜେପିର ଏକମାତ୍ର ମହିଳା ବିଧାୟକ ରାଧାରାଣୀ ପଣ୍ଡା ଏଥର ପରାଜିତ ହୋଇଥିବା ବେଳେ ନିର୍ବାଚନ ପୂର୍ବରୁ ବିଜେଡି ଛାଡି ବିଜେପିରେ ସାମିଲ ହୋଇଥିବା କୁସୁମ ଟେଟେ ବିଜୟୀ ହୋଇଛନ୍ତି।

# ପିସିସି ସଭାପତି ପଦରୁ ନିରଞ୍ଜନଙ୍କ ଇସ୍ତଫା



**ଭୁବନେଶ୍ୱର:** ରାଜ୍ୟରେ କଂଗ୍ରେସର ଶୋଚନୀୟ ପରାଜୟ ପରେ ପିସିସି ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ନିରଞ୍ଜନ ପଟ୍ଟନାୟକ। ସାମ୍ବାଦିକ ସମ୍ମିଳନୀରେ ସେ ଏନେଇ ଆଜି ଘୋଷଣା କରିଛନ୍ତି। ସେ ନିଜଇସ୍ତଫା ପତ୍ର ଏଆଇସିସି ଅଧ୍ୟକ୍ଷଙ୍କ ନିକଟକୁ ପଠାଇଛନ୍ତି। ଚଳିତ ନିର୍ବାଚନରେ ଦଳର ଯେଉଁ ବିପର୍ଯ୍ୟୟ ହେଲା ସେଥିପାଇଁ ନୈତିକତା ଦୃଷ୍ଟିରୁ ମୁଁ ଇସ୍ତଫା ଦେଇଛି। ତେବେ ମୁଁ ଦଳରେ ରହିଛି, ରହିବି ଓ ଆଗାମୀ ଦିନରେ ଦଳକୁ ମଜବୁତ୍ କରିବାକୁ ଚେଷ୍ଟା କରିବି। ସାରା ଦେଶରେ ମୋଦି ବାତ୍ୟା ପ୍ରବାହିତ ହେଲା,ସେଥିରେ ଆମେ ଟଳି ପଡ଼ିଲୁ। ରାଜ୍ୟରେ ନବୀନ, ଦେଶରେ ମୋଦିଙ୍କୁ ଲୋକେ ଭରସା କଲେ। ରାଜନୀତିରେ ନୀତି, ଆଦର୍ଶ ନାହିଁ। ରାଜନୀତିର ବ୍ୟବସାୟୀକରଣ ହୋଇଛି। ସୂଚନାଯୋଗ୍ୟ ଯେ ଚଳିତ ସାଧାରଣ ନିର୍ବାଚନରେ ନିରଞ୍ଜନ ୨ଟି ଆସନ ଭଣ୍ଡାରୀ ପୋଖରୀ ଓ ଘଷିପୁରାରୁ ନିର୍ବାଚନ ଲଢିଥିଲେ ଏବଂ ଉଭୟରେ ପରାଜିତ ହୋଇଛନ୍ତି। ସେହିପରି ରାଜ୍ୟର୧୪୭ ବିଧାନସଭା ଆସନ ମଧ୍ୟରୁ କଂଗ୍ରେସ କେବଳ ୯ଟି ଆସନ ହାତେଇବାରେ ସକ୍ଷମ ହୋଇପାରିଛି ଏବଂ ୨୧ ଲୋକସଭା ଆସନ ମଧ୍ୟରୁ ମାତ୍ର ଗୋଟିଏ ଆସନରେ ହିଁ ସନ୍ତୁଷ୍ଟ ହେବାକୁ ପଡିଛି।

# ଓଡିଶାବାସୀଙ୍କ ଜନମତକୁ ସ୍ୱୀକାର କରୁଛି: ଧର୍ମେନ୍ଦ୍ର

**ନୂଆଦିଲ୍ଲୀ/ଭୁବନେଶ୍ୱର:** ଓଡିଶାରେ ଭାରତୀୟ ଜନତା ପାର୍ଟିକୁ ଏକ ବଡ ରାଜନୀତି ସମୂହ ଭାବେ ଓଡିଶାର ଜନସାଧାରଣମାନେ ଆଶୀର୍ବାଦ କରିଛନ୍ତି । ବିଜେପିର ୮ ଜଣ ଲୋକସଭା ପ୍ରତିନିଧିଙ୍କୁ ସାଂସଦ ଭାବେ ଦିଲ୍ଲୀ ପଠାଇବା ଏବଂ ୨୩ ଜଣ ବିଧାନସଭା ପ୍ରାର୍ଥୀଙ୍କୁ ନିର୍ବାଚିତ କରିଥିବାରୁ ଓଡିଆ ଲୋକଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଓଡିଶାର ଲୋକସଭା ଓ ବିଧାନସଭା ନିର୍ବାଚନ ଫଳାଫଳ ପରିପ୍ରେକ୍ଷୀରେ ସାମାଜିକ ଗଣମାଧ୍ୟମରେ ଏପରି ମତ ରଖିବା ସହ ପ୍ରଜାତନ୍ତ୍ରରେ ଓଡିଶାବାସୀଙ୍କ ଜନମତ ଓ ନିଷ୍ପତିକୁ ସେ ମୁଣ୍ଡପାତି ସ୍ୱୀକାର କରୁଥିବା କହିଛନ୍ତି। ଏହାସହ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପଞ୍ଚମ ଥର ମୁଖ୍ୟମନ୍ତ୍ରୀ କରିବା ପାଇଁ ଓଡିଶାବାସୀ ଆସ୍ଥା ସ୍ଥାପନ କରିଛନ୍ତି। ରାଜ୍ୟର ପଞ୍ଚମଥର ମୁଖ୍ୟମନ୍ତ୍ରୀ ହେବା ପାଇଁ ଶ୍ରୀ ପ୍ରଧାନ ଶ୍ରୀ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦେଶରେ ଲୋକସଭା ଓ ଓଡିଶାର ବିଧାନସଭା ନିର୍ବାଚନ ଫଳାଫଳ ଏକପ୍ରକାର ଘୋଷିତ ହୋଇସାରିଛି । ଓଡିଶାରେ ସଫଳ ନିର୍ବାଚନ ପାଇଁ ଶ୍ରୀ ପ୍ରଧାନ ଓଡିଶାର ଜନସାଧାରଣଙ୍କ ପାଖରେ କୃତଜ୍ଞତା ଜ୍ଞାପନ କରିବା ସହ କହିଛନ୍ତି ଯେ ପ୍ରଜାତନ୍ତ୍ରର ମତକୁ ମୁଣ୍ଡପାତି ସ୍ୱୀକାର କରିବାର ଆବଶ୍ୟକତା ରହିଛି। ଓଡିଶାରେ ଗତ ୨୦୧୪ ନିର୍ବାଚନ ତୁଳନାରେ ଚଳିତ ୨୦୧୯ ନିର୍ବାଚନରେ ଓଡିଶାବାସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ବିଶ୍ୱାସ କରି ରାଜ୍ୟ ବିଜେପି ଉପରେ ଏକ ଅଭୂତପୂର୍ବ ଜନଆଶୀର୍ବାଦ କରିଛନ୍ତି । ଗତ ୨୦୧୪ ନିର୍ବାଚନରେ ଓଡିଶାରୁ ବିଜେପି ନେତା ଜୁଏଲ ଓରାମ କେବଳ ଲୋକସଭା ଆସନରୁ ନିର୍ବାଚିତ ହୋଇଥିବା ବେଳେ ଚଳିତ ଥର ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ଭାବରେ ମୋଦିଙ୍କ ପାଇଁ ଓଡିଶାବାସୀ ୮ ଜଣ ସାଂସଦ ପଠାଇଛନ୍ତି । ଓଡିଶାର ପାଖାପାଖି ୧ କୋଟି ଲୋକଙ୍କ ସମର୍ଥନ କରାଣରୁ ଏହା ସମ୍ଭବ ହୋଇପାରିଛି । ବିଜେପି ଏକ ପ୍ରମୁଖ ଦଳ ଭାବେ



ଓଡିଶା ଲୋକସଭା ନିର୍ବାଚନରେ ସାମ୍ନାକୁ ଆସିଥିବା ବେଳେ ଏହି ସମର୍ଥନ ପାଇଁ ଓଡିଆ ଲୋକଙ୍କ ପାଖରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କୃତଜ୍ଞତା ଜ୍ଞାପନ କରିଛନ୍ତି । ବିଜେପିର ପରାଜୟ ସ୍ଥାନରେ ମଧ୍ୟ ବିଜେପିକୁ ଅଭୁତପୂର୍ବ ଜନସମର୍ଥନ ମିଳିଥିବା ଶ୍ରୀ ପ୍ରଧାନ ମତବ୍ୟକ୍ତ କରିଛନ୍ତି। ଓଡିଶା ବିଧାନସଭାରେ ୨୩ ଜଣ ବିଜେପି ପ୍ରାର୍ଥୀ ଜିତିବା ନେଇ ଦେଖାଯାଇଥିବା ବେଳେ ଦଳର ଆଶାନୁଯାୟୀ ପ୍ରଦର୍ଶନ ହୋଇନାହିଁ କିନ୍ତୁ ଖେଳୁଆଡ ମନୋବୃତି ନେଇ ଆମେ ଏହାକୁ ସ୍ୱୀକାର କରୁଛୁ । ଜନମତକୁ ସ୍ୱୀକାର କରି ମୁଖ୍ୟମନ୍ତ୍ରୀ ଓଡିଆ ଲୋକଙ୍କ ଆସ୍ଥା ହାସଲ କରିଥିବାରୁ ପୁନର୍ବାର ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି ଓଡିଆ ଲୋକମାନେ ତାଙ୍କ ଦାୟିତ୍ୱ ପୂରଣ କରିଛନ୍ତି । ଓଡିଶାର ଉପକୂଳ ଅଂଚଳ ସାମୁଦ୍ରିକ ବାତ୍ୟା ଫନୀ ଦ୍ୱାରା ପ୍ରଭାବିତ ହୋଇଥିବା ବେଳେ ଏବେ କେନ୍ଦ୍ର କିମ୍ବା ରାଜ୍ୟ ଓଡିଆ ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବାର ସମୟ । ଓଡିଶାକୁ ଏକବିଂଶ ଶତାବ୍ଦୀରେ ଏକ ଅଗ୍ରଣୀ ଅଂଚଳ ଭାବେ ପୂରା କରିବା ପାଇଁ ଓଡିଆ ଲୋକଙ୍କ ଅପେକ୍ଷା ଓ ଆକାଂକ୍ଷାକୁ ପୂରା କରିବାକୁ ହେବ । ନୂଆ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଓଡିଶା ଲୋକଙ୍କ ଆକାଂକ୍ଷାକୁ ପୂରଣ କରିବା କାମରେ ଲାଗନ୍ତୁ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

## କିଏ ହେବ ଓଡ଼ିଶାର ନୂତନ ବାଚସ୍ପତି ?

**ଭୁବନେଶ୍ୱର:** ଓଡ଼ିଶାର ନୂତନ ବାଚସ୍ପତି କିଏ ହେବ ସେଥିନେଇ ଦଳୀୟ ମହଲରେ ବିଶେଷ ଭାବରେ ଚର୍ଚ୍ଚା ହେଉଥିବା ପରିଲକ୍ଷିତ ହୋଇଛି। ଏହି ଦୌଡ଼ରେ ୩ ଜଣଙ୍କ ନାମ ବିଶେଷ ଭାବେ ଚର୍ଚ୍ଚା ହେଉଥିବାର ଜଣାପଡ଼ିଛି । ସେମାନେ ହେଲେ ବର୍ତ୍ତମାନ ଏହି ପଦବୀରେ ଥିବା ପ୍ରଦୀପ କୁମାର ଅମାତ, ବ୍ରଜରାଜନଗରରୁ ନିର୍ବାଚିତ ହୋଇଥିବା କିଶୋର ମହାନ୍ତି ଏବଂ ବଡ଼ମ୍ବା ନିର୍ବାଚନ ମଣ୍ଡଳୀରୁ ନିର୍ବାଚିତ ହୋଇଥିବା ଦେବୀ ପ୍ରସାଦ ମିଶ୍ର। ଶ୍ରୀ ମହାନ୍ତି ଏଥି ପୂର୍ବରୁ ମଧ୍ୟ ସେ ଓଡ଼ିଶା ବିଧାନସଭାର ବାଚସ୍ପତି ରହିଥିବା ବେଳେ ଦେବୀ ମିଶ୍ର ବିଭିନ୍ନ ସମୟରେ ମନ୍ତ୍ରୀ ରହିଥିଲେ। ଶ୍ରୀ ଅମାତ ଦୁଇଥର ଏହି ପଦବୀ ଅଳଙ୍କୃତ କରିଛନ୍ତି। ତେବେ କାହାକୁ ବାଚସ୍ପତି ଭାବେ ପ୍ରାର୍ଥୀ କରାଯିବ ତାହା ମୁଖ୍ୟମନ୍ତ୍ରୀଙ୍କ ଉପରେ ନିର୍ଭର କରୁଛି । ସେହିପରି ନୂତନ ମନ୍ତ୍ରୀମଣ୍ଡଳରେ କେଉଁମାନେ ସ୍ଥାନ ପାଇବେ ସେଥିନେଇ ମଧ୍ୟ ଦଳୀୟ ମହଲରେ ଚର୍ଚ୍ଚା ଜୋର ଧରିଛି । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଅନୁଯାୟୀ ଏକ ତୃତୀୟାଂଶ ଦିଆଯିବ କି ନାହିଁ ତା ଉପରେ ମଧ୍ୟ ବିଶେଷ ଭାବରେ ଆଲୋଚନା ହେଉଥିବାର ପରିଲକ୍ଷିତ ହୋଇଛି। ଏହା ବ୍ୟତୀତ ବିଭିନ୍ନ ବର୍ଗରୁ ଏବଂ ବିଭିନ୍ନ ଜିଲ୍ଲାରୁ ମନ୍ତ୍ରୀପରିଷଦରେ ଯେପରି ସ୍ଥାନ ଦିଆଯିବ ସେଥିନେଇ ମଧ୍ୟ ଆଲୋଚାନରେ ଗୁରୁତ୍ୱ ଦିଆଯାଉଛି।

# ବିଳମ୍ବ ହେଉଛି +୨ ଖାତା ଦେଖା

**ଭୁବନେଶ୍ୱର :** ଖାତା ଦେଖା ଶେଷ ହୋଇନଥିବାରୁ +୨ ଫଳ ବାହାରିବା ନେଇ ଆଶଙ୍କା ଦେଖାଦେଇଛି। ପ୍ରଥମ ପର୍ଯ୍ୟାୟ ସମ୍ପୂର୍ଣ୍ଣ ଅବହେଳାରେ ଶେଷ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଥିଲେ ହେଁ ପ୍ରଥମ ପର୍ଯ୍ୟାୟର ପ୍ରାୟ ୬୦ପ୍ରତିଶତ ଖାତାଦେଖା ଶେଷ ହୋଇପାରିନାହିଁ। ସେହିପରି ଦ୍ୱିତୀୟ ପର୍ଯ୍ୟାୟର ଖାତାଦେଖା ଲାଗି ଧାର୍ଯ୍ୟ ସମୟ ମଧ୍ୟ ଶେଷ ହୋଇଛି। ତଥାପି ୨ୟ ପର୍ଯ୍ୟାୟର ୪୪ପ୍ରତିଶତ ଖାତାଦେଖା ଶେଷ ହୋଇପାରିନାହିଁ। ଫଳରେ ମେ’ ୧୫ତାରିଖ ମଧ୍ୟରେ ବିଜ୍ଞାନ ରେଜଲ୍ଟ ଓ ମେ’୩୦ସୁଦ୍ଧା କଳା, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ରେଜଲ୍ଟ ପ୍ରକାଶ କରିବାକୁ ଯେଉଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା ତାହା ପୂରଣ ହେବା ସମ୍ଭବ ହେଉନାହିଁ। ଫଳରେ ରେଜଲ୍ଟ ପ୍ରକାଶ ନେଇ ଆଶଙ୍କା ଉପୁଜିଛି। ବିଜ୍ଞାନରେ ପ୍ରାୟ ୯୫ପ୍ରତିଶତ ଖାତାଦେଖା ଶେଷ ହୋଇଥିବା ବେଳେ ୫ପ୍ରତିଶତ ଖାତାଦେଖା ହୋଇପାରିନି। ସେହିପରି ବାଣିଜ୍ୟରେ ୯୨ପ୍ରତିଶତ ଖାତାଦେଖା ଶେଷ ହୋଇଥିବା ବେଳେ ୮%ଖାତାଦେଖା ହୋଇନି। କଳାରେ ୮୫ପ୍ରତିଶତ ଖାତାଦେଖା ଶେଷ ହୋଇଥିବା ବେଳେ ୧୫ପ୍ରତିଶତ ଖାତାଦେଖା ବଳକା ରହିଛି। ତେବେ ଚଳିତବର୍ଷ +୨ ରେଜଲ୍ଟ ପ୍ରକାଶରେ ବହୁ ବିଳମ୍ବ ହେବ ବୋଲି ଆଶଙ୍କା ସୃଷ୍ଟି ହୋଇଛି। ଏପରିକି ଜୁନ ପ୍ରଥମ ସପ୍ତାହରେ ବି ରେଜଲ୍ଟ ପ୍ରକାଶ ପାଇପାରିବ କି ନାହିଁ ସେ ପ୍ରଶ୍ନ ମଧ୍ୟ ଉଠିଲାଣି। ଅନେକ ମୂଲ୍ୟାୟନ କେନ୍ଦ୍ରରେ ୩୦ହଜାରରୁ ଅଧିକ ଖାତାଦେଖା ନହୋଇ ପଡ଼ିରହିଛି। ଅଧିକ ସଂଖ୍ୟାରେ ଅଧାପକ ନିୟୋଜିତ କରିବାକୁ ଯୋଜନା କରାଯାଉଥିବା ବେଳେ ତରବରିଆ ଭାବେ ଖାତାଦେଖା ଶେଷ କରିବାକୁ ଚାପ ପଡୁଛି। ଯାହାକୁ ଅନେକ ଅଧାପକ ବିରୋଧ କରୁଛନ୍ତି। ପୂର୍ବରୁ ପ୍ରତି ଅଧାପକଙ୍କୁ ସର୍ବାଧିକ ୧୫ଟି ଉତ୍ତରଖାତା ଦେଖିବାକୁ ସୁଯୋଗ ମିଳୁଥିବା ବେଳେ ବର୍ତ୍ତମାନ କୌଣସି କଟକଣା ନାହିଁ। ମୂଲ୍ୟାୟନ କେନ୍ଦ୍ରରେ ଜଣେ ଅଧାପକ ନିଜ ଇଚ୍ଛାରେ ଯେତେ ଖାତା ଦେଖିପାରିବ ବୋଲି ନିର୍ଦ୍ଦେଶ ଦିଆଯାଇଛି।ଏପରି ବ୍ୟବସ୍ଥାରେ ଖାତାଦେଖାରେ ସ୍ୱଚ୍ଛତା ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାବ୍ୟତୀତ ଏ ବର୍ଷ ରେଜଲ୍ଟ ବହି ନ ଛପାଇବାକୁ ଚକ୍ରାନ୍ତ ଚାଲିଛି। ଖାତା ଦେଖା ଶେଷ ହେବା ପରେ ହାଇଦ୍ରାବାଦର ଯେଉଁ ଫାର୍ମରେ ରେଜଲ୍ଟ କାମ ହେବ ସେଠାରେ ମଧ୍ୟ ପ୍ରାୟ ୧ସପ୍ତାହ ଲାଗିବ। ମାର୍କ ଫୋଲିଓ ଓ ପୁସ୍ତକ ପ୍ରିଣ୍ଟିଂ ଲାଗି କିଛି ସମୟ ଲାଗୁଥିବାରୁ ନିର୍ଦ୍ଧାରିତ ସମୟରେ ରେଜଲ୍ଟ ବାହାରିବା ନେଇ ଆଶଙ୍କା ସୃଷ୍ଟି ହୋଇଛି।

# କଂଗ୍ରେସ ଦଳର ପରାଜୟ ପାଇଁ ୨୧ଜଣିଆ ତଥ୍ୟ ଅନୁସନ୍ଧାନ କମିଟି ଗଠନ

**ଭୁବନେଶ୍ୱର:** ଚଳିତ ବିଧାନସଭା ଓ ଲୋକସଭା ନିର୍ବାଚନରେ କଂଗ୍ରେସ ଦଳର ଖରାପ ପ୍ରଦର୍ଶନକୁ ଆଖିଆଗରେ ରଖି କେଉଁ କାରଣ ଯୋଗୁଁ ଏଭଳି ପରିଣାମ ହେଲା, ସେଥିପାଇଁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟ ୨୧ଜଣଙ୍କୁ ନେଇ ଏକ ତଥ୍ୟ ଅନୁସନ୍ଧାନ କମିଟି ଗଠନ କରିଛନ୍ତି। କମିଟିର ଅଧ୍ୟ ସର୍ବଶ୍ରୀ ନରସିଂହ ମିଶ୍ର ରହିଥିବାବେଳେ ସର୍ବଶ୍ରୀ ଚିରଞ୍ଜିବ ବିଶ୍ୱାଳ, ପ୍ରଦୀପ ମାଝି, ତାରା ପ୍ରସାଦ ବାହିନୀପତି, ଗଣେଶ୍ୱର ବେହେରା, ମହମ୍ମଦ ମୋକିମ୍, ଜଜ୍ ତିର୍କୀ, ସନ୍ତୋଷ କୁମାର ସାଲୁଜା, ଯଜ୍ଞେଶ୍ୱର ବାବୁ, ସୁରେଶ କୁମାର ରାଉତରାୟ, ନଳିନୀ ମହାନ୍ତି, ସତ୍ୟଶିବ ଦାସ, ରମେଶ ଜେନା, ଭୁଜବଳ ମାଝି, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ସତ୍ୟପ୍ରକାଶ ନାୟକ, ଜ୍ଞାନଦେବ ବେହୁରିଆ, ବଟକୃଷ୍ଣ ତ୍ରିପାଠୀ, ଶିବାନନ୍ଦ ରାୟ, ଶ୍ରୀମତୀ ସସ୍ମିତା ବେହେରା ଓ ବନ୍ଦିତା ପରିଡ଼ା କମିଟିର ସଦସ୍ୟ ରହିଛନ୍ତି। ଅନ୍ୟୁନ ଏକମାସ ଭିତରେ ଦଳର ପରାଜୟର ବିଭିନ୍ନ କାରଣ ଖୋଜି ପିସିସି ଓ ଏଆଇସିସିକୁ ପ୍ରଦାନ କରିବାକୁ ପିସିସି ସଭାପତି ଶ୍ରୀ ନିରଞ୍ଜନ ପଟ୍ଟନାୟକ କମିଟିର ଅଧ୍ୟକ୍ଷ ଶ୍ରୀ ନରସିଂହ ମିଶ୍ରଙ୍କ ସମେତ ସମସ୍ତ କମିଟି ସଦସ୍ୟଙ୍କୁ ଅନୁରୋଧ କରିଛନ୍ତି ବୋଲି ପ୍ରଦେଶ କଂଗ୍ରେସ କମିଟିର ମୁଖପାତ୍ର ପଦ୍ମାକର ଗୁରୁ ପ୍ରକାଶ କରିଛନ୍ତି।

## ବକ୍ରବାଣୀ



ଭୋଟ ଫଳାଫଳ ୟେ କି ହେଲାରେ
ବିରୋଧୀ ଦଳକୁ ମାରି ଦେଲାରେ
ଭଲ ପାଇ ଅବା ନେଇ ନୋଅଟ
ଗୋଟିଏ ଦଳକୁ ସବୁ ଭୋଅଟ
ବହୁମତ ପାଇ ସର୍କାର ହେଲା
ବିରୋଧୀ ଦଳଟେ ଦର୍କାର ଥିଲା
ସେନେମା ଟୋକାଟା କିମିଆ କଲା
ପଣ୍ଡା ପୁଅକୁ ସେ ହରେଇ ଦେଲା
ବାପଟା ହାରୁଚି ପୁଅ ଜିତୁଚି
ଟିଭି ପରଦାରେ ନାନୀ ହସୁଚି।

—ଟୁଟୁ

# ୯୧ ଲକ୍ଷରୁ ଅଧିକ ଜନାଦେଶ ଦେଇଥିବାରୁ ରାଜ୍ୟବାସୀଙ୍କୁ ଧନ୍ୟବାଦ: ବିଜେପି

**ଭୁବନେଶ୍ୱର :** ଗଣତନ୍ତ୍ରର ମହାପର୍ବ ନିର୍ବାଚନ ଶେଷ ହୋଇଯାଇଛି। ଓଡିଶାବାସୀ ଲୋକସଭା ଏବଂ ବିଧାନସଭା ପାଇଁ ବିଜେପିକୁ ଯେଉଁ ମତଦାନ ଦେଇଛନ୍ତି ସେଥିପାଇଁ ସମଗ୍ର ରାଜ୍ୟବାସୀଙ୍କୁ ବିଜେପି କୃତଜ୍ଞତା ଜଣାଉଛି। ଓଡିଶାବାସୀ ବିଜେପିକୁ ୮ଟି ଲୋକସଭା ଆସନରେ ବିଜେପି ପ୍ରାର୍ଥୀଙ୍କୁ ବିପୁଳ ପରିମାଣ ଜିତାଇବା ତାହା ଅଭୂତପୂର୍ବ ବୋଲି ରାଜ୍ୟ ସଭାପତି ଶ୍ରୀ ସମୀର ମହାନ୍ତି ରାଜ୍ୟ କାର୍ଯ୍ୟାଳୟରେ ହୋଇଥିବା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ, ଗତ ୨୦୧୪ ନିର୍ବାଚନରେ ବିଜେପିର ଏକ ମାତ୍ର ସାଂସଦ ଜୁଏଲ ଓରାମ ଥିବାବେଳେ ଏହି ନିର୍ବାଚନରେ ୮ ଜଣ ସାଂସଦ ଲୋକସଭା ଆସନରେ ବିଜୟୀ ହୋଇଛନ୍ତି। ନରେନ୍ଦ୍ର ମୋଦିଙ୍କୁ ପୁଣିଥରେ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ରରେ ବିଜେପି ସରକାର ଗଠନ କରିବାରେ




ଓଡିଶାବାସୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଲୋକସଭାରେ ବିଜେପି ୯୧ ଲକ୍ଷ ଭୋଟ ମିଳିଛି ଯାହା ମୋଟ୍ ମତଦାନର ୩୮.୫ ପ୍ରତିଶତ ପାଇଥିବା ବେଳେ ଶାସକ ଦଳ ବିଜେଡି ୧ କୋଟି ୧ଲକ୍ଷ ଭୋଟ ପାଇଛି। ୨୦୧୪ ମସିହାରେ ବିଜେପିକୁ ୫୦ ଲକ୍ଷରୁ କମ୍ ଭୋଟ ମିଳିଥିଲା । ଯାହା ପ୍ରତିଶତ ୨୧ ଥିଲା ଏବେ ଏହା ଦ୍ୱିଗୁଣ ହୋଇଛି। ବିଜେପି ୨୩ଟି ବିଧାନସଭା ଆସନରେ ଜିତିଥିବାବେଳେ ୭୬ ଲକ୍ଷ ଭୋଟ ମିଳିଛି ଯାହା ମୋଟ୍ ମତଦାନର ୩୨.୫ ପ୍ରତିଶତ। ବିଜେପିର ୨୩ଟି ବିଧାୟକ ଜିତିଥିବାରୁ ବିଧାନସଭାରେ ମୁଖ୍ୟ ବିରୋଧି ଦଳ ଭାବେ ମାନ୍ୟତା ପାଇଛି । କଂଗ୍ରେସର ଲୋକସଭା ନିର୍ବାଚନରେ ଭୋଟ ହାର ୧୪ ପ୍ରତିଶତ କମ୍ ଥିବାବେଳେ ବିଧାନସଭାରେ ୧୬ ପ୍ରତିଶତ ଭୋଟ ପାଇ ତଳକୁ ଖସିଯାଇଛି ଏବଂ ମୁଖ୍ୟ ବିରୋଧି ଦଳର ମାନ୍ୟତା ହରାଇଛି। କଂଗ୍ରେସ ଦଳକୁ ଓଡିଶାବାସୀ ସଂପୂର୍ଣ୍ଣ ରୂପେ ପ୍ରତ୍ୟାଖାନ କରିଛନ୍ତି । ଓଡିଶାବାସୀ ରାଜ୍ୟରେ ବିଜେପିକୁ ମୁଖ୍ୟ ବିରୋଧି ଦଳର ଦାୟୀତ୍ୱ ଦେଇଛନ୍ତି। ଏହି ଜନାଦେଶକୁ ଅକ୍ଷରେ ଅକ୍ଷରେ ପାଳନ କରିବା ସହ ବିଜେପି ଦାୟୀତ୍ୱବାନ ବିରୋଧି ଦଳର ଭୂମିକା ନିର୍ବାହ କରିବୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ସବ୍‌କା ସାଥ୍ ସବ୍‌କା ବିକାଶରେ ବିଶ୍ୱାସ ରଖୁଥିବା ମୋଦି ସରକାର ଓଡିଶାର ବିକାଶ ପାଇଁ ପ୍ରତିଶୃତି ବଦ୍ଧ। ସେଥିପାଇଁ ରାଜ୍ୟବାସୀ ଦେଶର ଜନନାୟକ ଶ୍ରୀ ନରେନ୍ଦ୍ର ମୋଦିଙ୍କୁ ୯୧ ଲକ୍ଷରୁ ଅଧିକ ଭୋଟ ଦେଇଛନ୍ତି। ଶ୍ରୀ ମୋଦି ଯେଉଁ ପୂର୍ବୋଦେୟ କଥା କହିଥିଲେ ପୂର୍ବ ଭାରତରେ ଗରିବ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ତାହା ସବୁ ରାଜ୍ୟ ତୁଳନାରେ ସମତୁଲ ହେବା ଦରକାର ବୋଲି ଓଡିଶାବାସୀ ମୋଦିଙ୍କୁ ସମର୍ଥନ କରିଛନ୍ତି। ରାଜ୍ୟରେ ପଂଚମଥର ପାଇଁ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟୀତ୍ୱ ରାଜ୍ୟବାସୀ ପ୍ରଦାନ କରିଥବାରୁ ତାଙ୍କୁ ବିଜେପି ତରଫରୁ ଶୁଭେଚ୍ଛା ଜଣାଉଛି। ରାଜ୍ୟର ବିକାଶ ପାଇଁ କେନ୍ଦ୍ର ସରକାରଙ୍କର ଯୋଜନାରେ ରାଜ୍ୟ ସରକାର ବାଧକ ନସାଜି ଶତ ପ୍ରତିଶତ ଲାଗୁ କରନ୍ତୁ ବୋଲି ଶ୍ରୀ ମହାନ୍ତି କହିଛନ୍ତି। ଏହି ସମ୍ବାଦିକ ସମ୍ମିଳନୀରେ ରାଜ୍ୟ ସଂପାଦକ ଡ.ଯତିନ ମହାନ୍ତି, ରାଜ୍ୟ ସାଂପାଦିକା ଡ.ଲେଖାଶ୍ରୀ ସାମନ୍ତସିଂହାର, ରାଜ୍ୟ ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ ଏବଂ ରାଜ୍ୟ ଯୁବମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୭ ମଇ - ୦୨ ଜୁନ୍, ୨୦୧୯

# କିଛି କ୍ଷଣ ସୁଖମୟ ଜୀବନ

**ଗୋ**ଟିଏ କାଳଜୟୀ ଧାଡିଟିକୁ ଆମେ ଗଭୀରତମ ଭାବେ ଚିନ୍ତାକଲେ ବୁଝିପାରିବା ଯେ, 'ସମ୍ପଦ ବେଳେ ସର୍ବ ସଖା, ବିପଦେ ନ ଦିଅନ୍ତି ଦେଖା' କଥାଟି ଜୀବନ ପାଇଁ କେତେ ମହତ୍ୱପୂର୍ଣ୍ଣ। ସାମ୍ପ୍ରତିକ ସମୟରେ ଜୀବନ ଜଞ୍ଜାଳରେ ଭାରାକ୍ରାନ୍ତ ମଣିଷ ସମାଜ ଅପେକ୍ଷା ବ୍ୟକ୍ତି ଚିନ୍ତାରେ ନିଜର ସମସ୍ତ ଆୟୁ ଖର୍ଚ୍ଚ କରିଦେଉଛି। ହେଲେ ପରିଣତି କେତେ ସୁଖଦ ବା ଦୁଃଖଦ ତାହାର ଅନୁଶୀଳନ ଯଥେଷ୍ଟ କଷ୍ଟସାଧ୍ୟ। କାରଣ ନିଜର ଅତୀତକୁ ନେଇ ମଣିଷ ନିଜ ଭିତରେ ଦୁଃଖୀ ହୋଇଥିଲା ବେଳେ ପିଲା ଛୁଆଙ୍କ ଭବିଷ୍ୟତକୁ ନେଇ ବିଶେଷ ସ୍ୱପ୍ନପ୍ରବଣ ହୋଇପଡେ। ଫଳସ୍ୱରୂପ ସେହି ସ୍ୱପ୍ନର ଅଂଶ ଭାବେ ଧନ ସମ୍ପତ୍ତି, ଗାଡି ମଟର, ପିଲାଙ୍କ ଉଚ୍ଚଶିକ୍ଷା ଏବଂ ସୁଉଚ୍ଚ ପ୍ରାସାଦ ବୋଲି ବୁଝିବାକୁ ହୁଏ। ଗରିବ ହୁଅନ୍ତୁ କିମ୍ବା ନିମ୍ନ ମଧ୍ୟବିତ୍ତ ଗାଁ ଛାଡ଼ି ସହରକୁ ଆସିଲେ ପ୍ରଥମେ ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ, ଉପାର୍ଜନ ଏବଂ ତା'ପରେ ସଞ୍ଚିତ ଅର୍ଥରେ ପରିବାରର ଉନ୍ନତି ପାଇଁ ନାନାବିଧ ଉପଚାର ଆରମ୍ଭ ହୋଇଥାଏ। ଚଳିବା ସ୍ୱଚ୍ଛନ୍ଦ ହେଲେ ନୂଆ ନୂଆ ବନ୍ଧୁ ସୃଷ୍ଟି ହେବା ସହିତ ପୁରୁଣା ବନ୍ଧୁମାନେ (ଯେଉଁମାନେ ଅତୀତରେ ମୁହଁ ମୋଡି ବାଟକାଟି ଚାଲିଯାଉଥିଲେ) ଧିରେ ଧିରେ ଆସ୍ଥାନ ଜମାନ୍ତି। ଏଥିରେ ସ୍ୱଚ୍ଛନ୍ଦ ଜୀବନର ମୁକ୍ତଚିନ୍ତା କରୁଥିବା ମଣିଷ ଭିତରେ ଭିତରେ ଆତ୍ମବିଶ୍ୱାସ ବଢ଼ାଇବା ସହିତ ସମ୍ପର୍କ ଜଟିଳ ପଥକୁ ସହଜ ମନେକରି ଆଗକୁ ବାଟ ଚାଲିବା ଦମ୍ଭ ଦେଖାନ୍ତି। ଦୀର୍ଘଦିନରୁ କଟି ଯାଇଥିବା ସମ୍ପର୍କ ପୁନରୁଦ୍ଧାର ହୁଏ। ଏହାରି ଭିତରେ ଦୁଃଖ, ଯନ୍ତ୍ରଣା ଜର୍ଜରିତ ଜୀବନର ଇତିହାସ ଗୋପନ ପୃଷ୍ଠାକୁ ଚାଲିଗଲା ପରେ ଚାଲିଯାଉଥାନ୍ତି। ସାମ୍ନାକୁ କେବଳ ସୁନ୍ଦର, ରଙ୍ଗୀନ ଓ ସ୍ୱପ୍ନିଳ ଦୁନିଆର ଗୋଟେ ନୂଆ ଚିତ୍ର ଆନମନା କରିବା ପାଇଁ ନିଜ ସପକ୍ଷକୁ ଭିଡିନେଲା ଭଳି ସ୍ଥିତି ଉତ୍ପନ୍ନ ହୁଏ। ସଂଯମୀ ବ୍ୟକ୍ତିମାନେ ନିଜ ଚରିତ୍ର, ନିଜ ଅତୀତ ଓ ନିଜର ପାରିପାର୍ଶ୍ୱିକ ଦିନ ଗୁଡିକ କିଭଳି ଥିଲା ତାକୁ ବିଚାର କରି ଆଗକୁ ପାଦ ବଢ଼ାଉଥିଲା ବେଳେ ସୁଖମତ୍ତ ମଣିଷ କିନ୍ତୁ ଏସବୁକୁ ଭୁଲି ଗୋଟେ ନୂଆ ଦୁନିଆରେ ପାଦ ଦେଲା ଭଳି ନିଜର ଚରିତ୍ରକୁ ସଂଶୋଧିତ କରି ନେଇଥାଏ। ଏହାରି ଭିତରେ ଭିନ୍ନ ଚଳଣୀ, ଆଧୁନିକତାର ବଶବର୍ତ୍ତୀ ହୋଇ ବେଶ ପରିପାଟୀରେ ପରିବର୍ତ୍ତନ, କଥାବାର୍ତ୍ତାରେ ମଧ୍ୟ ଭିନ୍ନ ଏକ ସ୍ୱରର ଉନ୍ମାଦନା ଭରି ରହିଥାଏ। ଗାଁର ଖଣ୍ଡିଆ ମାଟିଘରେ ବାପା ମା'ଙ୍କ ଅତୀତ ଓ ଅସ୍ତିତ୍ୱ କଥାକୁ ପିଲାମାନେ ସହଜରେ ଗ୍ରହଣ କରନ୍ତିନାହିଁ। ସେମାନେ ବର୍ତ୍ତମାନର ସ୍ଥିତିକୁ ନେଇ ମସଗୁଲ୍ ହେବା ସହିତ ନିଜ ସ୍ୱପ୍ନର ଦୁନିଆକୁ ଆହୁରି ଅଧିକ ରଙ୍ଗୀନ କରିବା ପାଇଁ କାଗଜରେ ନକ୍ସା କଲା ଭଳି ମନ ଭିତରେ ଅନେକ କିଛି ଭାବି ନେଇଥାନ୍ତି। ଅଳ୍ପ ପାଠ ପଢ଼ିଥିବା ବାପା ମା' ନିଜର ପିଲାମାନଙ୍କୁ ଉଚ୍ଚଶିକ୍ଷିତ କରି ସମାଜରେ ପ୍ରତିଷ୍ଠିତ କରାଇବା ପାଇଁ ରକ୍ତକୁ ଝାଳ କରି ନିଗାଡି ଦେଇଥିବା କଥାଟିକୁ ତିଳେ ମାତ୍ର ଖାତିର ନ କରି ଅଧିକାଂଶ ପିଲା ବାହାର ଚାକଚକ୍ୟକୁ ଭରସା କରି କୁପଥ, କୁସଙ୍ଗ ଓ କୁଅନୁଗାମୀ ଯେତେ ଯେତେ ପଥ ରହିଛି ସେହି ପଥର ଯାତ୍ରୀ ହେବା ପାଇଁ ସ୍ଥିର କରି ନେଇଥାନ୍ତି। ନିଜର



ସମ୍ବାଦକାଣ୍ଡ
ତାରକ ମହାନ୍ତି

ଉଚ୍ଚଶିକ୍ଷା ପାଇଁ ବାପା ମା' କେତେ ଟଙ୍କା ଖର୍ଚ୍ଚ କଲେ ଏବଂ ଏହି ଟଙ୍କା କେଉଁ ସୂତ୍ରରୁ ଆଣିଲେ ତା' ଉପରେ ପିଲାମାନେ ଆଦୌ ଗୁରୁତ୍ୱ ଦିଅନ୍ତି ନାହିଁ। ଋଣ କରି ପିଲାଙ୍କୁ ମଣିଷ କରିଥିବା ବାପା ମା'ଙ୍କ ଭିତରେ ସ୍ୱପ୍ନ ଥାଏ ଯେ, କଷ୍ଟ ପଛେ ହେଉ ପିଲା ମଣିଷ ହୋଇଗଲେ ଏଥିରୁ ନିସ୍ତାର ମିଳିବ। ଋଣ ପରିଶୋଧ ହୋଇପାରିବ ଏବଂ ସେମାନେ ସମାଜରେ ପ୍ରତିଷ୍ଠିତ ନହେଲେ ବି ସମ୍ମାନଜନକ ଅବସ୍ଥାରେ ଅବସ୍ଥାନ କରିବେ। କିନ୍ତୁ ଦେଖାଦିଏ ବାପା ମା'ଙ୍କର ଏଭଳି ଆକଳନ, ଏଭଳି ଚିନ୍ତାଧାରା ଓ ଏଭଳି ମାନସିକତାକୁ ଧ୍ୟାନ ନ ଦେଇ ପିଲାମାନେ ତୁମେ କିଛି କରିନ, ଆହୁରି ଅନେକ କିଛି କରିବାର ଆବଶ୍ୟକତା ଥିଲା ବୋଲି ସୂଚନା ଦେବା ସହିତ ବେଳେବେଳେ ବିଦ୍ରୋହ ମଧ୍ୟ କରିଥାନ୍ତି। ଯେତେବେଳେ ପରିବାରର ପିଲାମାନେ ବିଦ୍ରୋହାତ୍ମକ ପନ୍ଥା ଅବଲମ୍ବନ କରନ୍ତି ସେତେବେଳେ ବାପା ମା' ମାନେ ବିଚରା ହୋଇପଡିବା ସହିତ ନିରୁପାୟ ଭାବେ ଉଦ୍‌ବେଗ, ଉଦ୍‌ବେଳନ ଏବଂ ମାନସିକ ଅବସାଦ ଭିତରେ ମୃତ୍ୟୁ ପର୍ଯ୍ୟନ୍ତ ବଞ୍ଚିବାର ଯନ୍ତ୍ରଣାକୁ ସହଚର କରିବାକୁ ବାଧ୍ୟ ହୁଅନ୍ତି। ଭଲ ଦିନରେ ପାଖ ଛାଡୁ ନଥିବା ବନ୍ଧୁମାନେ, ସମ୍ପର୍କୀୟମାନେ, ଦୂର ସମ୍ପର୍କୀମାନେ ଏବଂ ଆତ୍ମୀୟ ଭଳି ମନେ ହେଉଥିବା ମଣିଷମାନେ ଆଉ ପାଖ ମାଡି ନଥାନ୍ତି। ଏହାର କାରଣ କ'ଣ ବୋଲି ଚିନ୍ତା କରିବାକୁ ହେବ। ସବୁଠି ସେହି ଗୋଟିଏ କଥା, ଅର୍ଥ ହିଁ ଅନର୍ଥର କାରଣ। ଯେଉଁମାନଙ୍କୁ ଯେତେଦିନ ପର୍ଯ୍ୟନ୍ତ ବିନା ହିସାବରେ ଅର୍ଥ ଦେଇ ଚାଲିଥିବ, ଫେରସ୍ତ କଥା ମୁଣ୍ଡରେ ରଖି ନଥିବ ସେତେଦିନ ପର୍ଯ୍ୟନ୍ତ ଭଲ ସମ୍ପର୍କ, ଭଲ ବନ୍ଧୁ, ଭଲ ସମୟ ଏବଂ ଭଲ ସମାଜର ବ୍ୟକ୍ତି ଭାବେ ତୁମେ ପରିଗଣିତ ହୋଇପାରିବ। ଦେବା ପଥରୁ ବିଚ୍ୟୁତ୍ ହେଲେ ନା ପିଲା, ନା ସମ୍ପର୍କୀୟ, ନା ସମ୍ପର୍କ କେହି ବି ନିଦାଘର ଛାଇପରି ମୁଣ୍ଡ ଉପରେ ହାତ ରଖିବେ ନାହିଁ। ବରଂ ଅଭାବେ ସ୍ୱଭାବ ନଷ୍ଟ ଭଳି ପରିସ୍ଥିତି ଉତ୍ପନ୍ନ ହୋଇ ଦୁଃଖ ଯନ୍ତ୍ରଣାର ପାହାଡଟିଏ ଆଖି ସାମ୍ନାରେ ଠିଆ କରି ଆଶ୍ୱାସନା ବଦଳରେ ଆସ୍ଫାଳନ ଦେଖାଇବ ଯେ, ତୁମେ ହାରିଯାଇଛ। ଏହି ଶବ୍ଦଟି ଛାତି ଭିତରେ ହାମର ପ୍ରହାର ଭଳି କମ୍ପନ ସୃଷ୍ଟି କରୁଥାଏ।

ପରନ୍ତୁ ଏଭଳି ପରିସ୍ଥିତିରେ ବ୍ୟକ୍ତି ସ୍ଥିତପ୍ରଜ୍ଞ ରହିବାର ଆବଶ୍ୟକତା ଏତେ ଜରୁରୀ ଯେ, ସେଥିରୁ ତିଳେ ରାସ୍ତା ଦୂରେଇ ଦେଲେ ଜୀବନ ନର୍କଗାମୀ ହେବା ସହିତ ମୃତ୍ୟୁ ହିଁ ଶ୍ରେଷ୍ଠ ବନ୍ଧୁ ଓ ଶେଷ ପଥ ବୋଲି ଭାବିବାକୁ ପଡିବ। ବାତ୍ୟା ପରେ ବର୍ତ୍ତି ଯାଇଥିବା ଥୁଣ୍ଟା ଗଛରେ ପତ୍ର କଅଁଳିବାର ସମ୍ଭାବନା ଥିଲା ବେଳେ ଭାଙ୍ଗି ଯାଇଥିବା ମନ ଓ ହାରି ଯାଇଥିବା ଜୀବନରେ ସେଭଳି କିଛି ଦୃଷ୍ଟାନ୍ତ ଦେଖିବାକୁ ମିଳେନାହିଁ। ପରିଣତ ବୟସରେ ଅତୀତର ସ୍ମୃତି ରୋମନ୍ଥନ କରି ଜହ୍ନକୁ ଦେଖି ହସି ହୁଏନାହିଁ କିମ୍ବା ସୂର୍ଯ୍ୟ ତାପରେ ଜଳି ଯାଉଥିବା ଦେହକୁ ଘୋଡାଇ ହେବା ପାଇଁ ଇଚ୍ଛାର ମୃତ୍ୟୁ ଘଟି ସାରିଥାଏ। କେବଳ ଦେହ, ନିଃଶ୍ୱାସ ଏବଂ ସାମାନ୍ୟ ଆଶା ଭରସାର ଦିକ୍‌ଦିକ୍ ଆଲୋକ ସଦୃଶ କିଛିକିଛି ସୁଖଦ ଅନୁଭୂତି ବଞ୍ଚିବାର ପ୍ରେରଣା ଦେଇଥାଏ। ଏହା କେବଳ ଜଣେ ବା ଦୁଇଜଣଙ୍କର କାହାଣୀ ନୁହେଁ। ସଭ୍ୟ ସମାଜର ଅନେକ ପରିବାରରେ ଏଭଳି ଗୋପନ ଯନ୍ତ୍ରଣାର ପେଡି ଡାଙ୍କୁଣୀ ଭିତରେ ଲୁଚି ହୋଇ ରହିଥିଲା ବେଳେ କଳାକାର ଜୀବନର ବେଶ ପୋଷାକ ଭିତରେ ମଣିଷ ଅଭିନୟ କରୁ କରୁ କେତେବେଳେ ଯେ ଶବ ପାଲଟିଯାଏ ତାହା ଅତ୍ୟନ୍ତ ମର୍ମନ୍ତୁଦ। ଜୀବନ ଯାତ୍ରାର ଏହି ନୂଆ କାହାଣୀ ଭିତରେ ଅସଂଖ୍ୟ ବାପା ମା'ଙ୍କ ସ୍ୱପ୍ନ, ଅଭିଳାଷ, ଆଶା ଓ ଆକାଂକ୍ଷା ଧୂଳିସାତ୍ ହୋଇଯାଏ ତାହା ଗୋପନ ଦସ୍ତାବିଜର ପୁରୁଣା ପୃଷ୍ଠା ଭଳି ଶିରାଳ ହାତରେ ଧରିଲା ବେଳେ ଦୃଷ୍ଟିଶକ୍ତିହୀନ ବୟସର ସାମର୍ଥ୍ୟ କେତେ ତାହା ଅନୁମାନ ଅପେକ୍ଷା ଅନୁଭବ ହିଁ ଶ୍ରେଷ୍ଠ ସନ୍ତକ। ମଣିଷ ଭିତରେ ପରିବର୍ତ୍ତନର ଆସୁରିକ ମାୟା ତମାମ ଜୀବନ ପାଇଁ ଗୋଟେ ଗୋଟେ ଶିକ୍ଷା ଦେଇଥାଏ। ଏହି ଶିକ୍ଷା ହେଉଛି ବ୍ୟକ୍ତି ଓ ବ୍ୟକ୍ତିତ୍ୱ ପାଇଁ ଶ୍ରେଷ୍ଠ ସମ୍ପଦ। ତେବେ ଏତିକି ବୁଝିବାକୁ ହେବ ଯେ, ପ୍ରତିଦାନରେ ଆଶା ନରଖି ଦାନ କରିଚାଲିଲେ ଜୀବନ କିଛି କ୍ଷଣ ସୁଖମୟ ହୁଏ।

**ଯୋଗାଯୋଗ ଠିକଣା**

ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭

# ପୃଥିବୀ ହେବ ଉତ୍ତପ୍ତ ଘର



ଶେଖ୍ ଫରିଦ୍‌ଉଦ୍ଦିନ

ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରା ଠାରୁ ଯଦି ଆଉ ମାତ୍ର ୨ ଡିଗ୍ରୀ ସେଣ୍ଟିଗ୍ରେଡ଼ ତାପମାନ ବଢ଼ିଯାଏ, ତେବେ ତାହାର ସୁଦୂରପ୍ରସାରୀ ପ୍ରଭାବ ପଡ଼ିବ ପୃଥିବୀ ଉପରେ। ପୃଥିବୀ ପରିଣତ ହୋଇପାରେ ଏକ ଉତ୍ତପ୍ତ ଗୃହରେ। ଆମେରିକାନ୍ ପ୍ରୋସିଡିଂସ ଅଫ୍ ଦ ନେସନାଲ ଏକାଡେ଼ମୀ ଅଫ୍ ସାଇନ୍ସେସରେ ସୋମବାର ପ୍ରକାଶ ପାଇଥିବା ଟ୍ରାଜେକ୍ଟୋରିଜ୍ ଅଫ୍ ଦ ଆର୍ଥ ସିଷ୍ଟମ ଇନ୍ ଦ ଆନ୍ଥ୍ରୋପୋସେନ ଶୀର୍ଷକ ପ୍ରବନ୍ଧରେ ଏମିତି ଆଶଙ୍କା ପ୍ରକାଶ କରିଛନ୍ତି କେତେକ ବୈଜ୍ଞାନିକ। ବୈଜ୍ଞାନିକମାନଙ୍କ ଆକଳନ ହେଲା ଉତ୍ତପ୍ତ ପୃଥିବୀର ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରା ଠାରୁ ଅଧିକ ୪ରୁ ୫ ଡିଗ୍ରୀ ସେଣ୍ଟିଗ୍ରେଡ଼ରେ ସ୍ଥିର ରହିପାରେ। ଏହି ପ୍ରବନ୍ଧର ପ୍ରମୁଖ ଲେଖକ ତଥା ଅଷ୍ଟ୍ରେଲିଆନ୍ ନେସନାଲ ୟୁନିଭର୍ସିଟିର ପ୍ରଫେସର ୱିଲ୍ ଷ୍ଟିଫେନ୍ କହନ୍ତି, ମଣିଷ ଛାଡୁଥିବା ସବୁଜଗୃହ ବାଷ୍ପ ବା ଗ୍ରୀନ୍ ହାଉସ ଗ୍ୟାସ କେବଳ ପୃଥିବୀର ତାପମାତ୍ରା ବୃଦ୍ଧି ନିର୍ଦ୍ଧାରଣ କରେନାହିଁ। ମାନବିକ କାରଣରୁ ବିଶ୍ୱ ତାପାୟନ ମାତ୍ର ୨ଡିଗ୍ରୀ ସେଣ୍ଟିଗ୍ରେଡ଼ ବୃଦ୍ଧି ପାଇଲେ ତାହା ପୃଥିବୀର ଅନ୍ୟ ବ୍ୟବସ୍ଥାଗତ ପ୍ରକ୍ରିୟାକୁ ପ୍ରଭାବିତ କରେ। ତାହା ପରୋକ୍ଷରେ ଅଧିକ ତାପମାତ୍ରା ବୃଦ୍ଧିର କାରଣ ହୁଏ। ଆଉ ଗ୍ରୀନହାଉସ ଗ୍ୟାସ ନଛାଡ଼ିଲେ ବି ପୂର୍ବ ପ୍ରକ୍ରିୟାରେ ପୃଥିବୀର ତାପମାତ୍ରା ବୃଦ୍ଧି ପାଏ।

ତାପମାତ୍ରା ବଢ଼ିଲେ ସମୁଦ୍ରର ଜଳସ୍ତର ୬୦ ମିଟର ବା ୧୯୭ ଫୁଟ ଉଚ୍ଚତା ଯାଏଁ ବୃଦ୍ଧି ପାଇପାରେ। ଏହା ହେଲେ ଉପକୂଳରେ ବସବାସ କରୁଥିବା ଲୋକମାନେ ବହୁଳ ଭାବେ କ୍ଷତିଗ୍ରସ୍ତ ହେବା ସହିତ ଆଭ୍ୟନ୍ତରୀଣ ଅଞ୍ଚଳକୁ ବିସ୍ଥାପିତ ହେବାକୁ ବାଧ୍ୟ ହେବେ। ଏ ବର୍ଷ ଗ୍ରୀଷ୍ମ ଋତୁରେ ୟୁରୋପ ଓ ଏସିଆରେ ବ୍ୟାପିଥିବା ବନାଗ୍ନି ଓ ତାପ ପ୍ରବାହରେ ଡଜନ ଡଜନ ଲୋକଙ୍କ ମୃତ୍ୟୁରୁ ଆଗାମୀ ସମୟରେ ପୃଥିବୀର କି ଅବସ୍ଥା ହେବ ତାହା ଅନୁମାନ କରାଯାଇପାରେ। ଏହି ପ୍ରବନ୍ଧ ଅନୁସାରେ ଥରେ ଆମେ ତାପମାତ୍ରାର ଅଫେରା ବିନ୍ଦୁରେ ପହଞ୍ଚିଗଲେ ତେଣିକି ଗତ ୧୨ ଲକ୍ଷ ବର୍ଷ ଭିତରେ ଆସିଥିବା ଯେ କୌଣସି ତୁଷାର ଯୁଗ ମଧ୍ୟବର୍ତ୍ତୀ ସମୟର ହାରାହାରି ତାପମାତ୍ରା ଠାରୁ ପୃଥିବୀର ତାପମାତ୍ରା ଅଧିକ ହୋଇଯାଇପାରେ। ସେହିପରି ଏହି ତାପମାତ୍ରା ଯୋଗୁଁ ଗତ ୧୨ ହଜାର ବର୍ଷ ତଳେ ଶେଷ ହୋଇଥିବା ତୁଷାର ଯୁଗ ପରଠୁ ଗଡ଼ି ଆସିଥିବା ଅଭିନବ ଯୁଗ ବା ହୋଲୋସେନ ସମୟରେ ସମୁଦ୍ର ଜଳସ୍ତର ସର୍ବୋଚ୍ଚ ସ୍ତରକୁ ଉଠିପାରେ। ଅନେକ ବୈଜ୍ଞାନିକ ଯୁକ୍ତି କରନ୍ତି ଯେ ଆମେ ଏକ ନୂଆ ଭୌଗୋଳିକ ଯୁଗ ମଧ୍ୟକୁ ପ୍ରବେଶ କରିସାରିଛୁ। ଏହାକୁ ସେମାନେ ଆନ୍ଥ୍ରୋପୋସେନ ଯୁଗ ବୋଲି କହୁଛନ୍ତି। ଏହି ଯୁଗରେ ପୃଥିବୀ ଉପରେ ମାନବିକ କାର୍ଯ୍ୟକଳାପର ସିଧାସଳଖ ପ୍ରଭାବ ପଡୁଛି। ଏବେ ବିଶ୍ୱର ହାରାହାରି ତାପମାତ୍ରା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରା ଠାରୁ ୧ ଡିଗ୍ରୀ ସେଣ୍ଟିଗ୍ରେଡ଼ ଅଧିକ। ପ୍ରତି ଦଶନ୍ଧିରେ ଏହା ୦.୧୭ ଡିଗ୍ରୀ ସେଣ୍ଟିଗ୍ରେଡ୍ ବୃଦ୍ଧି ପାଉଛି। ଏ ସଂପର୍କରେ ୟୁନିଭର୍ସିଟି ଅଫ କୋପେନହାଗେନର ବୈଜ୍ଞାନିକ କାଥେରାଇନ୍ ରିଚାର୍ଡ଼ସନ କୁହନ୍ତି ଆମେ ସବୁବେଳେ ଅନୁଭବ କରିଆସିଛୁ ଯେ ଗୋଟେ କିଛି ଅଫେରା ବିନ୍ଦୁ ରହିଥାଇପାରେ। ଏହାର ଅର୍ଥ ହେଲା ଆମେ ଯଦି ଏହାକୁ ରୋକିପାରିବୁ ନାହିଁ ଆମେ ନିଶ୍ଚୟ ଏକ ଭୟଙ୍କର ନର୍କରେ ପ୍ରବେଶ କରିବୁ। ହାରାହାରି ତାପମାତ୍ରା ୪ରୁ ୫ ଡିଗ୍ରୀ ସେଣ୍ଟିଗ୍ରେଡ଼ ଓ ହାରାହାରି ସମୁଦ୍ର ସ୍ତର ୧୦ରୁ ୬୦ ମିଟର ବୃଦ୍ଧି ପାଇଲେ ଆମ ସମାଜ ଏବେ ଯେମିତି ଅଛି ସେମିତି ଆଉ ରହିବ ନାହିଁ। ସରଳରେ କହିଲେ ଏହା ଆମ ସମାଜ ପାଇଁ ଅସହ୍ୟ ହୋଇଯିବ। ଏଭଳି ପାଗ ପରିବର୍ତ୍ତନର ମୁକାବିଲା କରିବା ପାଇଁ ୨୦୧୫ ମସିହାରେ ପ୍ୟାରିସ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ପ୍ରାୟ ୨୦୦ ଦେଶ ଏଥିରେ ସ୍ୱାକ୍ଷର କରିଥିଲେ। କଥା ଥିଲା ପ୍ରାକ୍ ଶିଳ୍ପ ଯୁଗର ତାପମାତ୍ରା ଠାରୁ ଯେପରି ଅଧିକ ୨ଡିଗ୍ରୀ ତାପମାତ୍ରା ବୃଦ୍ଧି ନପାଏ ସେ ଦିଗରେ ସମସ୍ତେ ମିଳିତ ଭାବେ କାର୍ଯ୍ୟ କରିବେ। କିନ୍ତୁ ପରେ ଏହି ଚୁକ୍ତିରୁ ଆମେରିକା ଓହରିଯିବା ଫଳରେ ଏହି ଉଦ୍ୟମ ବାଧାପ୍ରାପ୍ତ ହୋଇଛି। ଏହି ପ୍ରବନ୍ଧରେ କାର୍ବନ ସିଙ୍କ ବା ଅଙ୍ଗାରକ ଶୋଷଣ ପ୍ରକ୍ରିୟା ଦୁର୍ବଳ ହେବା, ଜଙ୍ଗଲ ଲୋପ ପାଇବା, ତୁଷାର ତରଳିବା, ଜୀବାଣୁ ଶ୍ୱାସକ୍ରିୟା ବୃଦ୍ଧି ପାଇବା ଆଦି ପାଗ ପରିବର୍ତ୍ତନ ପରିମାପକଗୁଡ଼ିକର ମିଳିତ ପରିମାଣ କ'ଣ ହେବ ତାହା ଉଲ୍ଲେଖ କରାଯାଇଛି। ପ୍ରବନ୍ଧର ଅନ୍ୟତମ ଲେଖକ ତଥା ପୋଟଡାମ ଇନଷ୍ଟିଚ୍ୟୁଟ ଫର କ୍ଲାଇମେଟ ଇମ୍ପାକ୍ଟ ରିସର୍ଚ୍ଚର ସହାଧ୍ୟକ୍ଷ ଜୋହାନ ରକଷ୍ଟ୍ରମ କୁହନ୍ତି, ଏସବୁ ନିର୍ଦ୍ଧାରକ ପାଗ ପରିବର୍ତ୍ତନ ଉପରେ ସୁଦୂର ପ୍ରସାରୀ ପ୍ରଭାବ ପକାଇପାରିବେ। ଗୋଟିଏକୁ ଠେଲିଲେ ତାହା ପୃଥିବୀକୁ ଆଉ ଗୋଟାକ ଆଡ଼କୁ ଠେଲି ଦେବ। ଏବେ ଏହିସବୁ ପ୍ରକ୍ରିୟାର ଶୃଙ୍ଖଳାକୁ ବନ୍ଦ କରିବା ଅତ୍ୟନ୍ତ କଷ୍ଟକର ବା ଅସମ୍ଭବ। ତେଣୁ ଉତ୍ତପ୍ତ ପୃଥିବୀ ଘର ଯଦି ବାସ୍ତବତାରେ ପରିଣତ ହୁଏ ତେବେ ପୃଥିବୀର ଅନେକ ଅଞ୍ଚଳ ଆଉ ବାସୋପଯୋଗୀ ହୋଇ ରହିବ ନାହିଁ।

ମଧୁପୁର, ମାହାଙ୍ଗା, କଟକ
ଦୂରଭାଷ : ୯୪୩୭୦୦୪୮୮୮

# ସିଗାରେଟ୍ ଠାରୁ ହାନିକାରକ ଧୂପକାଠିର ଧୂଆଁ



ନାରାୟଣ ଚନ୍ଦ୍ର ବିଶ୍ୱାଳ

ରୋଙ୍ଗ ଝୋଉ ଏବଂ ତାଙ୍କର ଟିମ୍ ପ୍ରଥମ ଥର ପାଇଁ ଘରୋଇ ପରିବେଶରେ ସିଗାରେଟର ଧୂଆଁ ଏବଂ ଧୂପକାଠିର ଧୂଆଁ ମଧ୍ୟରେ ତୁଳନା କରିଥିଲେ। ଗବେଷଣାରୁ ଜଣାପଡ଼ିଥିଲା ଘର ଭିତରେ ଲଗାଯାଉଥିବା ଧୂପକାଠିର ଧୂଆଁ ମନୁଷ୍ୟର ଫୁସ୍‌ଫୁସ୍‌ରେ ଜମା ହୋଇଯାଏ। ଯାହାକି ଫୁସ୍‌ଫୁସ୍ ପ୍ରଦାହ ସୃଷ୍ଟି କରେ। ଧୂପକାଠି ବାୟୁ ପ୍ରଦୂଷଣର କାରଣ ହୋଇପାରେ ଏ ନେଇ ପୂର୍ବରୁ ଅଧିକ ଗବେଷଣା ହୋଇନଥିଲା। କିନ୍ତୁ ଏହା ଫୁସ୍‌ଫୁସ୍ କ୍ୟାନସର, ଶିଶୁମାନଙ୍କର ଲ୍ୟୁକୋମିଆ ଏବଂ ବ୍ରେନ୍ ଟ୍ୟୁମରର କାରଣ ହୋଇପାରେ ବୋଲି ପୂର୍ବରୁ ସନ୍ଦେହ କରାଯାଉଥିଲା। ଝୋଉଙ୍କ ଟିମ୍ ଘର ଭିତରେ ଧୂପକାଠି ଲଗାଇବାର ସ୍ୱାସ୍ଥ୍ୟ ସମସ୍ୟା ଦିଗରେ ତଥ୍ୟ ଉଜାଗର କରିଥିଲେ। ଏଥିପାଇଁ ସେମାନେ ଉଚ୍ଚମାନର ଅଗରବତି ଧୂଆଁ ଏବଂ ସିଗାରେଟ ଧୂଆଁ ମଧ୍ୟରେ ତୁଳନାତ୍ମକ ତଥ୍ୟ ସଂଗ୍ରହ କରିଥିଲେ। ସେମାନେ ଅଗୁରୁ କାଠ ଏବଂ ଚନ୍ଦନକାଠରେ ପ୍ରସ୍ତୁତ ଉଚ୍ଚମାନର ଅଗରବତିକୁ ନେଇ ପରୀକ୍ଷା ନିରୀକ୍ଷା କରିଥିଲେ। ଗବେଷଣାରୁ ଜଣାପଡ଼ିଥିଲା ଧୂପକାଠି ଧୂଆଁର ମ୍ୟୁଟାଜେନିକ୍ ଗୁଣ ରହିଛି। ଅର୍ଥାତ୍ ଏଥିରେ ଥିବା ରାସାୟନିକ ପଦାର୍ଥ ଶରୀରର ଜିନ୍ ସଂରଚନାରେ ପରିବର୍ତ୍ତନ ଆଣିପାରେ। ଜିନ୍ ଗତ ଦୃଷ୍ଟିରୁ ସିଗାରେଟ୍ ଧୂଆଁ ଠାରୁ ଅଗରବତି ବିପଜ୍ଜନକ। ଏହା ଶରୀର କୋଷ ପାଇଁ ତୁଳନାତ୍ମକ ଭାବରେ ଅଧିକ କ୍ଷତିକାରକ। ଏଥିରେ ଥିବା ଧୂଆଁରେ ଅତି ସୂକ୍ଷ୍ମ କଣିକା ଥାଏ, ଯାହା ଶରୀରର କୋଷକୁ କ୍ଷତିଗ୍ରସ୍ତ କରିଥାଏ। ପ୍ରାୟ ପ୍ରତ୍ୟକ ଅଗରବତିରେ ୬୪ ପ୍ରକାରର ରାସାୟନିକ ଉପାଦାନ ଥାଏ। ଏଗୁଡ଼ିକ ମଧ୍ୟରୁ କେତୋଟି ମନରେ ବିରକ୍ତି ସୃଷ୍ଟି କରିବା ସହ କେତେଗୁଡ଼ିଏ ଅଳ୍ପ ବିଷାକ୍ତ। ଅନ୍ୟ ଗୁଡ଼ିକ ସାଧାରଣ ଭାବରେ ବିଷାକ୍ତ ହୋଇଥିବା ବେଳେ ଦୁଇଟି ରାସାୟନିକ ଉପାଦାନ ଖୁବ୍ ବିପଜ୍ଜନକ ବୋଲି ଗବେଷଣାରୁ ଜଣାପଡ଼ିଛି। ଝୋଉଙ୍କ କହିବା ଅନୁଯାୟୀ ଅଗରବତିର ବିପଦ ସମ୍ପର୍କରେ ଅଧିକ ସଚେତନତା ଆବଶ୍ୟକ। ନିର୍ମାତାମାନେ ପ୍ୟାକେଟ ଉପରେ ସ୍ୱାସ୍ଥ୍ୟ ସମ୍ପର୍କିତ ସତର୍କ ସୂଚନା ମଧ୍ୟ ରଖିବା ଆବଶ୍ୟକ।

ଅଗରବତିର ଧୂଆଁରେ ତିନୋଟି ବିପଜ୍ଜନକ ଉପାଦାନ ଥାଏ ଯାହାକି କ୍ୟାନସରର କାରଣ ହୋଇପାରେ। ଏହି ଧୂଆଁ ଶ୍ୱାସନଳୀରେ ଜ୍ୱଳନ ସୃଷ୍ଟି କରିଥାଏ। କିନ୍ତୁ ଆଜି ପର୍ଯ୍ୟନ୍ତ ଏ ନେଇ କୌଣସି ସଚେତନତା ସୃଷ୍ଟି ହୋଇନାହିଁ। ଫଳରେ ପ୍ରତ୍ୟେକ ପରିବାରରେ ପ୍ରତିଦିନ ଧୂପକାଠି ଜଳାଇବାର ପରମ୍ପରା ବଳବତ୍ତର ରହିଛି। ଘର ଭିତରେ ଲଗାଯାଉଥିବା ଏହି ଧୂପକାଠି ପିଲାମାନଙ୍କ



ପାଇଁ ବିଶେଷ ଭାବରେ କ୍ଷତିକାରକ। ଏସିଆ ମହାଦେଶର ପ୍ରତ୍ୟେକ ଧାର୍ମିକ ଅନୁଷ୍ଠାନରେ ଧୂପକାଠିର ବିଶେଷ ମହତ୍ୱ ରହିଛି। ବିଶ୍ୱାସ କରାଯାଏ ଏହା ବାୟୁମଣ୍ଡଳକୁ ବିଶୁଦ୍ଧ ଏବଂ ସତେଜ କରିବ। କିନ୍ତୁ ଗବେଷଣାରୁ ଏହାର ଠିକ୍ ଓଲଟା କଥା ଜଣାପଡ଼ିଛି। ଶ୍ୱାସନଳୀରେ ଜ୍ୱଳନ ସହ ଶ୍ୱାସକ୍ରିୟାରେ ବାଧା ସୃଷ୍ଟି କରୁଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଏବଂ ଆଜ୍‌ମା ବୃଦ୍ଧି ଦିଗରେ ମଧ୍ୟ ଏହା ବିପଜ୍ଜନକ ଭାବରେ କାର୍ଯ୍ୟ କରେ। ଏଥିସହ ବିଭିନ୍ନ ପୂଜାସ୍ଥଳ ପରିସରରେ ଅଧିକ ପରିମାଣରେ ଲଗାଯାଉଥିବା ଧୂପକାଠିର ଧୂଆଁ ସ୍ନାୟୁଗତ ସମସ୍ୟା ସୃଷ୍ଟି କରେ। ଏହା କ୍ରମାଗତ ମୁଣ୍ଡବ୍ୟଥା, ମୁଣ୍ଡ ବୁଲାଇବା ଏବଂ ସ୍ମରଣଶକ୍ତି ହ୍ରାସର ମୁଖ୍ୟ କାରଣ ଅଟେ। ଗବେଷଣାରୁ ମିଳିଥିବା ତଥ୍ୟକୁ ଆଧାର କରି ଗବେଷକ ଝୋଉ କହିଛନ୍ତି, ଯେତେବେଳେ ଘରେ ଛୋଟ ପିଲା ଅଛନ୍ତି, ସେତେବେଳେ ଧୂପକାଠି ଆଦୌ ଜଳାଇବା ଉଚିତ ନୁହେଁ। କାରଣ ଏହା ସେମାନଙ୍କର କୋମଳ ଫୁସ୍‌ଫୁସ୍ ପାଇଁ ଅତ୍ୟନ୍ତ ଘାତକ। ନିହାତି ଆବଶ୍ୟକ ନଥିବା ସମୟରେ ଅଗରବତି ଜଳାଇବା ଆଦୌ ଉଚିତ ନୁହେଁ। ପୁନଶ୍ଚ ଯେଉଁ ସ୍ଥାନରେ ଅଗରବତି ଜଳାଯାଉଥିବ ସେଠାରେ ବାୟୁ ଚଳାଚଳ ହେଉଥିବା ଆବଶ୍ୟକ। ଶ୍ୱାସ ସମସ୍ୟା ଥିବା ରୋଗୀମାନେ ଧୂପକାଠିରୁ ଏକଦମ୍ ଦୂରେଇ ରହିବା ଆବଶ୍ୟକ। ତେଣୁ ଆଗାମୀ ସମୟରେ ଯେତେବେଳେ ଆପଣ ଧୂପକାଠି ଲଗାଇବେ ସେତେବେଳେ ମନେ ପକାଇବେ ଆପଣଙ୍କର ଏହି ଛୋଟ କାର୍ଯ୍ୟ ଘରେ ଭୀଷଣ ବାୟୁ ପ୍ରଦୂଷଣ ସୃଷ୍ଟି କରିବ। ଯେଉଁମାନଙ୍କ ଘରେ ଅଧିକ ଧୂପ ଲାଗେ ଓ ଯେଉଁମାନେ ସେଠାରେ ଅଧିକ ସମୟ ରୁହନ୍ତି ସେମାନଙ୍କ ଶରୀରର ବିଭିନ୍ନ ଅଂଶଗୁଡ଼ିକର ଚର୍ମ ପତଳା ଯଥା ଆଖିପତା, ନାକତଳ ଓ କହୁଣି ଆଦିରେ ଅଧିକ ଜ୍ୱଳନ ହୁଏ। କାଶ ଓ ଛିଙ୍କ ମଧ୍ୟ ଅଧିକ ହୁଏ। ବେଳେବେଳେ ଘରେ ବିଶେଷ ପୂଜା ଅନୁଷ୍ଠାନ ଥିଲେ ଅଧିକ ସଂଖ୍ୟକ ଧୂପକାଠି ଲାଗେ ଓ ଝୁଣା ଆଦି ଦିଆଯାଏ। ଏହା ସେ ସମୟରେ ଅନେକ ଲୋକ ଭୀଷଣ କାଶନ୍ତି। ଏହା ଶ୍ୱାସ ପ୍ରଣାଳୀରେ ଜ୍ୱଳନ ଯୋଗୁଁ ହୋଇଥାଏ। ଧୂପକାଠି ଜଳାଇବା ଦ୍ୱାରା ଯେଉଁ ଧୂଆଁ ବାହାରେ ସେଥିରେ ସଲଫର ଡାଇଅକ୍ସାଇଡ଼, କାର୍ବନ ମନୋଅକ୍ସାଇଡ଼, ନାଇଟ୍ରୋଜେନ ଅକ୍ସାଇଡ଼ ଓ ଫର୍ମାଲ ଡିହାଇଜ୍ ଥାଏ ଯାହା ଶ୍ୱାସନଳୀ ଯନ୍ତ୍ରଣା ଓ ଆଜ୍‌ମାର କାରଣ ହୋଇଥାଏ। ଧୂପକାଠି ଧୂଆଁରେ ଥିବା ରାସାୟନିକ ଉପାଦାନ ମନୁଷ୍ୟର ସ୍ନାୟବିକ ପ୍ରଣାଳୀକୁ ମଧ୍ୟ ପ୍ରଭାବିତ କରିଥାଏ। ଏହା ରକ୍ତରେ କାର୍ବନ ମନୋକ୍ସାଇଡ଼ ଓ ନାଇଟ୍ରୋଜେନ ଅକ୍ସାଇଡ଼ର ପରିମାଣ ଓ ନାଇଟ୍ରୋଜେନ୍ ଅକ୍ସାଇଡର ପରିମାଣ ରକ୍ତରେ ବୃଦ୍ଧିପାଏ। ଏହା ମସ୍ତିଷ୍କର କୋଷ ଉପରେ ପ୍ରତିକ୍ରିୟା କରି ସ୍ନାୟବିକ ସମସ୍ୟା ସୃଷ୍ଟି କରେ। ଆମେରିକାନ କ୍ୟାନସର ସୋସାଇଟ ଜର୍ଣ୍ଣାଲରେ ପ୍ରକାଶିତ ତଥ୍ୟ ଅନୁଯାୟୀ ଧୂପକାଠି ଧୂଆଁରେ ଅଧିକ ସମୟ ରହୁଥିବା ଲୋକଙ୍କ ଠାରେ ଶ୍ୱାସ ପ୍ରଣାଳୀ କ୍ୟାନସରର ଆଶଙ୍କା ଅଧିକ। ଏହି ଧୂଆଁ ଶରୀରରେ ବିଷାକ୍ତ ଉପାଦାନର ପରିମାଣ ବଢ଼ାଇ କିଡ୍‌ନୀ ଉପରେ ଚାପ ସୃଷ୍ଟି କରେ। ହଁ ଏହା ହୃଦ୍‌ରୋଗର ଆଶଙ୍କା ବଢ଼ାଏ।

କଟିକଟା, ମଙ୍ଗଳପୁର, ଯାଜପୁର
ଦୂରଭାଷ : ୯୪୩୮୨୭୬୭୬୦

# ମାନବ ଜୀବନର ଦଶ ମହାଯଜ୍ଞ

## ଯୋଗୀ ଗଣେଶ୍ୱର

ଭାଗ-୦୬

**ଦ**ଶ ମହାଯଜ୍ଞର ଷଷ୍ଠ ପରିଚ୍ଛଦଟି ହେଉଛି 'ହବନଯଜ୍ଞ'। ଘୃତଦାନ ଅଗ୍ନିକୁଣ୍ଡୀୟ ଯଜ୍ଞକୁ ହବନଯଜ୍ଞ ନାମକରଣ କରାଯାଇଛି। ପ୍ରଭୁ ଯଜ୍ଞେଶ୍ୱର ସମସ୍ତ ଯଜ୍ଞର କର୍ତ୍ତାରୂପେ ଜଗତବୁକୁରେ ବିଚରଣ କରନ୍ତି। ଭୋକ୍ତା ରୂପରେ ଘୃତପାନ କରନ୍ତି ପୁଣି ଦାତା ରୂପରେ ଯଜ୍ଞକାରୀ ମନୁଷ୍ୟଙ୍କୁ ସବୁ ଦାନ କରିଥାନ୍ତି ! ସଂସାରରେ ଯେତେ ପ୍ରକାର ସତ୍‌କର୍ମ ବା ଯଜ୍ଞକର୍ମ କରାଯାଉଛି ତାହାର ପଶ୍ଚାତ୍‌ଭାଗରେ ରହିଛନ୍ତି ଯଜ୍ଞର ଈଶ୍ୱର, ଯଜ୍ଞେଶ୍ୱର। ଯଜ୍ଞତତ୍ତ୍ୱରେ ବିଶ୍ୱବ୍ରହ୍ମାଣ୍ଡକୁ କେତେ ସୁନ୍ଦର ଭାବରେ ଗଢ଼ିଛନ୍ତି ପ୍ରଭୁ ! ଆଖି ଯାହା ଦେଖୁଛି ସବୁ ତାଙ୍କରି ଯଜ୍ଞର ପ୍ରତିଫଳନ। ରହସ୍ୟମୟ ଭୂମାଟିରେ ଯଜ୍ଞ ସର୍ବସାର। ବିଷ୍ଣୁଙ୍କ ଯଜ୍ଞକର୍ମରେ ସନ୍ତୋଷ ହୋଇ ଭୂମାତା ନାନା ପ୍ରକାର ସ୍ୱାଦିଷ୍ଟ ଫଳମୂଳ ପ୍ରଦାନ କରିଥାନ୍ତି। ଯେଉଁ ମାଟିରେ କଲରା ଫଳ ପିତା ଲାଗେ ସେଇ ମାଟିରେ ଆଖୁ ଲଗାଇଲେ ମିଠାରସ ମିଳୁଛି ! ବିଛୁଆତି ଦଶଂନ କରୁଛି, ସେଇ ମାଟିରେ ତୁଳସୀ ଲଗାଇଲେ ମହୌଷଧି ପ୍ରଦାନ କରୁଛି ! କ୍ରିୟାକର୍ମାନୁସାରେ ଧରଣୀମାତାଙ୍କୁ ଯିଏ ଯାହା ମାଗୁଛନ୍ତି ସେ ଦେଉଛନ୍ତି। ଭୂମାତା ସାକ୍ଷାତ ମହାଲକ୍ଷ୍ମୀ ରୂପରେ ସଦା ବିରାଜମାନ। ପ୍ରାଣୀମାନଙ୍କର ଉଦର ପୋଷଣର ଆବଶ୍ୟକତା ପୂରଣ କରିବା ଦିଗରେ ସଦାତତ୍ପର। ସୃଷ୍ଟିଚକ୍ରରେ ଜୀବଗଣଙ୍କର ଉଦର ଚିନ୍ତା ସର୍ବାଧିକ। ପିଣ୍ଡରୁ ବ୍ରହ୍ମାଣ୍ଡ ପର୍ଯ୍ୟନ୍ତ ସବୁ ଅନ୍ନମୟ ! ଖାଦ୍ୟ ବିନା ପ୍ରାଣ ତିଷ୍ଠି ରହି ପାରେ ନାହିଁ। ମହାବିଷ୍ଣୁଙ୍କ ଭବଲୀଳା ସଫଳ ହୋଇ ପାରେ ନାହିଁ। ଏହି କାରଣରୁ ମହାଲକ୍ଷ୍ମୀ କୀଟପତଙ୍ଗ, ପଶୁପକ୍ଷୀ, ମନୁଷ୍ୟ, ଦେବତା, ଅସୁର, ସ୍ୱଂୟମହାବିଷ୍ଣୁଙ୍କର ଦୈନନ୍ଦିନର ଭରଣ ପୋଷଣ ଦାୟିତ୍ୱ ତୁଲାଇଥାନ୍ତି ! ଭୋଜନ ଦାନ ନିମନ୍ତେ ବ୍ରହ୍ମା, ସୂର୍ଯ୍ୟ, ଚନ୍ଦ୍ର, ବରୁଣ, ଅଗ୍ନି, ବାୟୁ, ଇନ୍ଦ୍ର, ଗଣେଶାଦି ଦେବାଦେବୀଙ୍କର ସହାୟତା ଲୋଡ଼ିଥାନ୍ତି। ଏହି ଦେବତାଗଣ ବୃକ୍ଷଲତା, ଶାକ୍‌ସବଜି, ଶସ୍ୟ ଉତ୍ପନ୍ନ କରିଥାନ୍ତି। ମହାବିଷ୍ଣୁଙ୍କ ନିର୍ଦ୍ଦେଶରେ ଦେବଗଣ ପ୍ରାଣୀଜଗତର ଆବଶ୍ୟକତା ପୂରଣ କରୁଥିବାରୁ ହବନଯଜ୍ଞ ଦ୍ୱାରା ଦେବାଦେବୀଙ୍କୁ ସନ୍ତୁଷ୍ଟ କରାଯାଇଥାଏ। ପତ୍ର, ଫୁଲ, ଫଳ ଓ ଶସ୍ୟରୁ ପ୍ରସ୍ତୁତ ବ୍ୟଞ୍ଜନ ଅର୍ପଣ କରାଯାଏ। ଗୋ-ଘୃତ ଅଗ୍ନିଙ୍କୁ ସମର୍ପଣ କରାଯାଇ ଦେବାଦେବୀଙ୍କର ନାମ, ଗୁଣର ମନ୍ତ୍ର ଉଚ୍ଚାରଣ କରାଯାଏ। ଆହୂତି ପୂର୍ବକ ଦେବାଦେବୀଙ୍କୁ ଆହ୍ୱାନ କରାଯାଏ।





ଏହି ଯଜ୍ଞ କାଳରେ ମନୁଷ୍ୟ ଦେବତାଙ୍କ ମିଳନର ପର୍ବ ଅନୁଷ୍ଠିତ ହୋଇଥାଏ। ଦେବଗଣ ଅଦୃଶ୍ୟ ଭାବରେ ଉପସ୍ଥିତ ରହି ପଙ୍କ୍ତି ଭୋଜନରେ ଅଂଶ ଗ୍ରହଣ କରିଥାନ୍ତି। ପ୍ରଥମେ ଦେବତାମାନଙ୍କୁ ଅର୍ପଣ କରାଯାଇ ସେଇ ପ୍ରସାଦ ଗ୍ରହଣ କଲେ ସମସ୍ତ ରୋଗ, ଶୋକ ନିବାରଣ ହୋଇଥାଏ। କ୍ଷେତରେ ଶସ୍ୟଦାନା ପରିପୁଷ୍ଟ ହୋଇଥାଏ। ଧରଣୀମାଟି ସବୁଜିମାରେ ଭରିଯାଏ। ମହାବିଷ୍ଣୁ ସନ୍ତୋଷ ହୋଇ ସର୍ବପ୍ରାଣରେ ବନସ୍ପତିରସ ଭରି ଦିଅନ୍ତି। ହବନଯଜ୍ଞର ଆବଶ୍ୟକତାକୁ ଗୁରୁତ୍ୱ ଦେଇ ଭଗବାନଶ୍ରୀକୃଷ୍ଣ ଭଗବଦ୍ ଗୀତାରେ କହିଛନ୍ତି- "ଅନ୍ନାଦ ଭବନ୍ତି ଭୂତାନି ପର୍ଜନ୍ୟାତ୍ ଅନ୍ନ ସମ୍ଭବଃ..."(ଗୀତା-୩/୧୪)। "ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପ ଜୁହ୍ୱତି..."(ଗୀତା- ୪/୨୫)। କୋଟିବ୍ରହ୍ମାଣ୍ଡ ଠାକୁର ପରଂବ୍ରହ୍ମ ଶ୍ରୀଜଗନ୍ନାଥ ସଂସାରୀ ରୂପରେ ଦୈନନ୍ଦିନ ଭୋଜନ ଗ୍ରହଣ କରନ୍ତି। ମନୁଷ୍ୟମାନେ ବି ଖାଉଛନ୍ତି। ଉଦର ନ ପୂରିଲେ ଜଗତର ଅନ୍ୟାନ୍ୟ ଯଜ୍ଞକର୍ମରେ ବାଧା ଉପୁଜିବ। ଜଳଚକ୍ର, ଋତୁଚକ୍ରର ଗତିରୋଧ ହେବ। ମନୁଷ୍ୟଙ୍କୁ ଅନ୍ନ, ବସ୍ତ୍ର, ବାସ ଯୋଗାଇ ଦେଉଥିବା ଦେବତାମାନେ ସର୍ବଦା ପୂଜ୍ୟ। ଯଜ୍ଞ ଅନୁଷ୍ଠାନ ଦ୍ୱାରା ଦେବତାମାନଙ୍କୁ ବିନମ୍ର ପ୍ରଣତି ଜଣାଇଲେ ଭଗବାନବିଷ୍ଣୁ ସନ୍ତୁଷ୍ଟ ହୋଇଥାନ୍ତି। ପ୍ରତ୍ୟେକ ଗ୍ରାମ୍ୟଜନେ ହବନଯଜ୍ଞ କରିବା ବିଧିସଙ୍ଗତ। ଏହାଦ୍ୱାରା ବ୍ରହ୍ମା, ବିଷ୍ଣୁ, ଶିବ, ଭୂମାତାଙ୍କୁ ସନ୍ତୋଷ କରାଯାଏ। ଘୃତାଗ୍ନିକୁ ଭକ୍ତି ସହକାରେ ପ୍ରଣାମ ଜଣାଇ ସାତ୍ତ୍ୱିକ ଭୋଜନରେ ଦେବଗଣଙ୍କୁ ଆପ୍ୟାୟିତ କରିବା ହବନଯଜ୍ଞର ମୂଳଲକ୍ଷ୍ୟ ଅଟେ। ହବନଯଜ୍ଞରେ ପ୍ରସ୍ତୁତ ଭୋଜନକୁ ପ୍ରଥମେ ଦେବାଦେବୀଙ୍କୁ ସମର୍ପଣ କରାଯାଇ ସେଇ ପ୍ରସାଦକୁ ଭକ୍ଷଣ କଲେ ସାଂସାରୀକ ଦୁଃଖରୁ ମୁକ୍ତି ମିଳିଥାଏ। ବ୍ରହ୍ମାର୍ପଣଂ ବ୍ରହ୍ମହବି ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍। ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମ ସମାଧିନାଂ ମନ୍ତ୍ର ପାଠକରି ବିଷ୍ଣୁଙ୍କ ସମେତେ ସର୍ବଦେବଙ୍କୁ ଭୋଜନ ସମର୍ପିତ କରିବା ପରେ ସେଇ ଅନ୍ନକୁ ଭୁଞ୍ଜିଲେ ଭୋକର ଦୁଃଖ ଦୂର ହୋଇଥାଏ। ଗ୍ରାମ୍ୟଜନେ ସାମୂହିକ ଭାବରେ ଏହି ଯଜ୍ଞ କରିଥାନ୍ତି। ଅଥବା ସ୍ୱଗୃହରେ ଏହି ପ୍ରକାର ଯଜ୍ଞ ସଂପାଦନ କରି ଦେବତାମାନଙ୍କୁ ସନ୍ତୋଷ କରାଯାଏ। ଗୃହର ଯେଉଁ ସ୍ଥାନରେ ହବନଯଜ୍ଞ କରାଯିବ ସେଇ ସ୍ଥାନର ମାଟିକୁ ପ୍ରଥମେ ପବିତ୍ର କରାଯିବା ବିଧେୟ। ଓଁ ଅପବିତ୍ରଂ ପବିତ୍ରଂ ବା ସର୍ବାବସ୍ଥାଂ ଗତୋପି ବା ଯଃ ସ୍ମରତେ୍ ପୁଣ୍ଡରୀକାକ୍ଷଂ ସଃ ବାହ୍ୟାଭ୍ୟନ୍ତରଃ ଶୁଚିଃ। ଏହି ମନ୍ତ୍ରକୁ ତିନିଥର ଉଚ୍ଚାରଣ ପୂର୍ବକ ତୁଳସୀଜଳ ସିଞ୍ଚନ କଲେ ଯଜ୍ଞସ୍ଥଳର ମାଟି ପବିତ୍ର ହୋଇଥାଏ। ତହିଁପରେ ଏକାଗ୍ର ଚିତ୍ତରେ ବସି ଭଗବାନଙ୍କର ନାମ ଉଚ୍ଚାରଣ ସହିତ ଅଗ୍ନିରେ ଘୃତ ଢାଳିବ। ଫଳମୂଳ ପ୍ରସାଦଆଦି ଅର୍ପଣ କରି ବ୍ରହ୍ମକର୍ମ ସମାପନ କରିବ। ଗୃହରେ ଏହି ଯଜ୍ଞ ଅନୁଷ୍ଠାନ ସଂପାଦନ କଲେ ସୁଖ ସମୃଦ୍ଧି ପ୍ରାପ୍ତ ହେବା ସମ୍ଭବ।

**ହରି ଓଁ ତତସତ୍ !**

*ଦୂରଭାଷ-୯୬୬୮୬୩୧୨୫୭*

# ଆହତ ପକ୍ଷୀ ରୁଦ୍ଧ ଆକାଶ



ନୃସିଂହ ଚରଣ ବେହେରା

***ଜୀବନ ଯାକ ଅମରେଶ କାମନା କରି ଆସୁଥିଲା ମୃତ୍ୟୁର । ନିଜ ସ୍ତ୍ରୀ ପଲ୍ଲବୀର ରୁକ୍ଷ ବ୍ୟବହାରରେ ସେ ନିତି ଦିନ ଆହତ ପକ୍ଷୀଟିଏ ପିଞ୍ଜରାରେ ବନ୍ଦୀ ହୋଇ ଜଳି ଜଳି ମରିବା ପରି ଟିକିଏ ଟିକିଏ ମରୁଥିଲା ..ମନରୁ । ହେଲେ..ଯେତେବେଳେ ସେ ବଞ୍ଚିବାକୁ ଇଚ୍ଛା କଲା ସେତେବେଳେ କ'ଣ ମୃତ୍ୟୁ ତାକୁ ସମୟ ଦେଲା ? ଅମରେଶର ମନର ଅନ୍ତଦ୍ୱନ୍ଦକୁ ନେଇ ଏଇ କାହାଣୀ..***



**ସୁ**ଖମାନେ ସତେ ଯେମିତି ଲୁଚି ଯାଇଛନ୍ତି କେଉଁ ଗାତ ଭିତରେ! ଦୁଃଖରେ ଭର୍ତ୍ତି ଜୀବନଟେ ଜୀଇଁବାରେ କାହାର ବା ଇଚ୍ଛା ଥାଏ ? ମଣିଷର ସବୁ ଇଚ୍ଛା କେବଳ ସୁଖରେ ବଞ୍ଚିବା ପାଇଁ ତାହା ପୁଣି ତମାମ ଜୀବନ..। ହେଲେ..ତାହା ପୁଣି କ'ଣ ସମ୍ଭବ! ଅମରେଶର ଜୀବନ ମଧ୍ୟ ସେହିପରି ଯେଉଁଠି ଦୁଃଖ ତା' ପସରା ମେଲାଇ ବସି ଥାଏ ସବୁବେଳେ । କେମିତି କେଜାଣି ଦୁଃଖମାନେ ସବୁ ଓଲେଇ ଗାଈ ପରି ପଶି ଆସନ୍ତି ତା' ଜୀବନ ପରିଧିକୁ ଆଉ ହରଦମ୍ ଲୁହ ଝରାନ୍ତି ତା' ଆଖିରୁ । ସୁଖର କାଣିଚାଏ ଛିଟାକୁ ତରସୁଥିବା ମଣିଷଟି ଦୁଃଖ ସହି ସହି କ୍ରମଶଃ ଭାରି ଉଦାସ ଆଉ ଏକାକୀ । ଅମରେଶକୁ ରୁନ୍ଧି ହେଲା ପରି ଭାରି ଆକ୍ତାମାକ୍ତା ଲାଗେ । କୋହ ସବୁ ଏତେ ଦୁର୍ବିସହ ଲାଗେ ଯେ ଛାଁ..କୁ..ଛାଁ କାରୁଣ୍ୟଭିଜା ଦୀର୍ଘଶ୍ୱାସ ମାନେ ବାହାରି ଆସନ୍ତି ଛାତିର କେଉଁ ଗହୀର କୋଣ ଭିତରୁ । ବେଶ୍ କିଛି ସମୟ ଏକୁଟିଆ ବସି କାନ୍ଦି ସାରିଲା ପରେ ବେଶ୍ ଉଶ୍ୱାସିଆ ଲାଗେ ତାକୁ ଆଉ ସେ ନିର୍ଲିପ୍ତ ଦୃଷ୍ଟିରେ ଚାହିଁ ରହେ ସେହି ଅଦୃଶ୍ୟ ବିଶ୍ୱନୟାନ୍ତାଙ୍କୁ ତା'ର ଭାଗ୍ୟରେ ସାପ ଶିଢିର ଖେଳରୁ ମୁକ୍ତି ପାଇବା ପାଇଁ ।

ପଲ୍ଲବୀ ଧନୀ ଘରର ଝିଅ ଥିଲା । ସେ ପିଲାଟି ଦିନରୁ ଅତି ଗେହ୍ଲା ହୋଇଥିବାରୁ ବଢିଥିଲା ସ୍ୱେଚ୍ଛା ଚାରିଣୀ ହୋଇ ବୟସ ବଢିବା ସହିତ ତା' ସ୍ୱଭାବରେ ବଢିବାକୁ ଲାଗିଲା ଉଗ୍ରତା । ତା'ର ବିବାହ ଅମରେଶ ସହିତ ହେଲା ପରେ ମଧ୍ୟ କୌଣସି ପରିବର୍ତ୍ତନ ଆସିଲାନି ସ୍ୱଭାବରେ । ପ୍ରାୟ ପ୍ରତିଦିନ ସେ କିଛି ନା' କିଛି କଥାକୁ ନେଇ ଝଗଡା କରେ ଅମରେଶ ସହିତ । ଅମରେଶ ଗୋଟିଏ ବହୁ ରାଷ୍ଟ୍ରୀୟ କମ୍ପାନୀରେ ଚାକିରୀ କରେ । ଅଫିସରେ ସମସ୍ତେ ଅମରେଶର କାର୍ଯ୍ୟଦକ୍ଷତା ସହିତ ସ୍ନେହୀ ଆଉ ମେଳାପୀ ସ୍ୱଭାବ ପାଇଁ ବହୁତ ଭଲ ପାଆନ୍ତି । ହେଲେ ..ତା' ଘରେ ତା' ଜୀବନ ନଷ୍ଟ ମୁଖରା ତା' ସ୍ତ୍ରୀ ପାଇଁ । ସେ ସ୍ତ୍ରୀର ବ୍ୟବହାରରେ କ୍ଷୁବ୍ଧ ହେଲେ ମଧ୍ୟ ମୁହଁ ଖୋଲି କିଛି କହିପାରେନି । କେତେ ଯେ ଚେଷ୍ଟା ସେ ନ କରିଛି.. ପଲ୍ଲବୀକୁ ସୁଧାରିବା ପାଇଁ । ହେଲେ..ସବୁ ଚେଷ୍ଟା ବିଫଳ ହୋଇଯାଇଛି ପଲ୍ଲବୀର ଜିଦ୍ ଆଉ ଉଗ୍ର ସ୍ୱଭାବରେ । ଆରେ..ମଣିଷ ସିନା ଘୋଡାକୁ ପାଣି ପାଖକୁ ନେବ..ହେଲେ ଘୋଡା ଯେ ସେ ପାଣିକୁ ପିଇବ ସେ କଥା ଠିକ୍‌ରେ କହି ହେବନି । ବେଳେବେଳେ ଏକୁଟିଆ ବସିଥିଲା ବେଳେ ନିଜ ଭାଗ୍ୟକୁ ନିନ୍ଦେ ଅମରେଶ । ସେ ନିଜେ ନିଜକୁ ବୁଝାଏ । ସାରା ଜୀବନ ଯଦି ଏମିତି ହାଃ..ହତାଶରେ କାଟିବା ତା' ଭାଗ୍ୟରେ ଅଛି..ତେବେ ସେ କାଟିବ..ସେଥିପାଇଁ ଭାବି କିଛି ଲାଭ ନାହିଁ ।

ଇତି ମଧ୍ୟରେ ପଲ୍ଲବୀ ସ୍ୱେଚ୍ଛାଚାରିତା ବଢିଯାଇଥାଏ ଆହୁରି । ସେ ସ୍ୱାମୀକୁ ଚାକରଠୁ ବି ହୀନ ମନେ କରେ । ଏମିତିରେ ସମୟ ବିତିବାକୁ ଲାଗିଲା ଧୀରେ ଧୀରେ । ସମୟ କ୍ରମେ ସେ ଦୁହିଁଙ୍କର ଜୀବନ ପରିଧିକୁ ଆସିଲେ ଦୁଇ ଝିଅ ରିଦ୍ଧି ଆଉ ସିଦ୍ଧି । ମା' ହିସାବରେ ପଲ୍ଲବୀ ସେମାନଙ୍କର ଯତ୍ନ ନେବାରେ ହେଳା କଲା । ତେଣୁ ଝିଅ ମାନଙ୍କ ଲାଳନ ପାଳନର ଦାୟିତ୍ୱ ପଡିଲା ବିଚରା ଅମରେଶ ଉପରେ । ସେ ବି କେବେ ହେଳା କରିନି ଝିଅ ମାନଙ୍କ ଲାଳନ ପାଳନରେ ।

ଦିନେ ଦିନେ ରାତିରେ ଅମରେଶ ଭଗବାନଙ୍କୁ ନିଜର ଦୁଃଖ ଜଣାଏ ଆଉ ନିଜର ଖରାପ ଭାଗ୍ୟ ପାଇଁ ଅଭିଯୋଗ କରେ । ଅଗ୍ନିକୁ ସାକ୍ଷୀ ରଖି ଯାହାକୁ ସେ ପତ୍ନୀ ରୂପେ ବରଣ କରିଥିଲା ସେ ପୁଣି ଏମିତି ଉଗ୍ରଚଣ୍ଡୀ ବାହାରିବ ବୋଲି ଜମାରୁ ଜାଣି ନଥିଲା ଅମରେଶ । ବେଳେ ବେଳେ ଏକୁଟିଆ ବସି ଭାବି ଅମରେଶ ଏପରି ଉଗ୍ରଚଣ୍ଡୀ ତା' ଭାଗ୍ୟରେ ଜୁଟିଲା କେମିତି ? ଏକରେ ତ ଶ୍ୟାମଳୀ..ସେଥିରେ ପୁଣି ସାମାନ୍ୟ ମୋଟି । ସୁନ୍ଦରତାରେ ଚଳନୀୟ । ଆଖି ଦୁଇଟିରେ ସେମିତି କୌଣସି ମାଦକତା ନାହିଁ..। ତେବେ କେଉଁଥି ପାଇଁ ପଲ୍ଲବୀର ଏ ଗର୍ବ.. ଏ ଅହଙ୍କାର..? ପୁରୁଷଟିଏ ନାରୀର ସୌନ୍ଦର୍ଯ୍ୟ ଅପେକ୍ଷା ତା'ର ଆନ୍ତରିକତା ପୂର୍ଣ୍ଣ ସେବାରେ ଅଧିକ ଖୁସି ହୁଏ । ହେଲେ..ମୁଁ ସ୍ୱାମୀ ହୋଇ ପାଇଲି କ'ଣ ? ନା' ପ୍ରେମ.. ନା' ତ ସେବା..କେବଳ ଦୁଃଖ..ଅପମାନ ।

ଏମିତି ଏକୁଟିଆ ବସି ଚିନ୍ତା କରୁ କରୁ ତାର ମନେ ପଡିଯାଏ ଜଣେ ଦାର୍ଶନିକଙ୍କ କଥା..ଯାହା ସେ ପଢିଥିଲା କୌଣସି ଗୋଟିଏ ବହିରୁ ନିଜର ଛାତ୍ର ଜୀବନରେ । ସେ ଦାର୍ଶନିକ କହିଥରଲେ,ଈଶ୍ୱରଙ୍କ ସୃଷ୍ଟିରେ ନାରୀର ଜନ୍ମ ପୁରୁଷ ମାନଙ୍କର ବେକ କାଟିବା ପାଇଁ । ସେମାନେ ସମସ୍ତେ ଗୋଟିଏ ଗୋଟିଏ ଧାରୁଆ କୁରାଢୀ । ବେକଟି ଛିଣ୍ଡିବା ପର୍ଯ୍ୟନ୍ତ ସେମାନେ କୁରାଢୀରେ କାଟି ଚାଲିଥିବେ । ଅବଶ୍ୟ କୁରାଢୀର ଅନେକ ପ୍ରକାର ଭେଦ ଅଛି । କିଏ ସୁନାର କୁରାଢୀ ତ..କିଏ ରୂପାରେ ତିଆରି କୁରାଢୀ..ଅବା ଆଉ କିଏ ଲୁହାର କୁରାଢୀ । ବେକଟି କଟୁଥିଲା ବେଳେ କୌଣସି ପୁରୁଷ ବାରି ପାରେ ନାହିଁ କୁରାଢୀର ଭେଦକୁ । "ଆଉ ମୋ..କପାଳ କଥା କ'ଣ କହିବି..? ଏମିତି ଜଣକୁ ବିବାହ କରିଛି ଯେ ଯାହାର ନାକ ଆଗରେ ରାଗ । କଥା କଥାକେ ଝିଙ୍ଗାସିବା ଛଡା ଭଲ କଥା ପଦେ କେବେ କହିବାର ନାହିଁ । ଭଗବାନ ତାଙ୍କୁ କେଉଁ ଉପାଦାନରେ ଗଢିଛନ୍ତି କେଜାଣି..?" ସବୁ ଝିଅମାନେ କ'ଣ କ୍ଷଣ କୋପୀ ? କାଇଁ ମୋ ଭାଉଜ ତ ସେମିତିଆ ନୁହନ୍ତି । ବେଳେବେଳେ ସେ ଭଗବାନଙ୍କୁ କୁହେ, 'ପ୍ରଭୁ ଭୂଲରେ ବି ମୋ ଶତ୍ରୁମାନଙ୍କୁ ଏପରି ସ୍ତ୍ରୀ ଟିଏ ନ ମିଳୁ ।' ଯଦି ଝିଅ ଦୁଇଟା ତା' ଜୀବନକୁ ଆସି ନଥାନ୍ତେ..ତେବେ ସେ କେଉଁ ଦିନୁ ଛାଡ ପତ୍ର ଦେଇ ସାରନ୍ତାଣି ପଲ୍ଲବୀକୁ । ଦୁଇ ଝିଅଙ୍କୁ ଭଲ ପାଠ ପଢାଇ ସ୍ୱାବଲମ୍ବୀ କରିବା ଚିନ୍ତାରେ ସେ ଧୈର୍ଯ୍ୟର ସହିତ ତା' ବୈବାହିକ ଜୀବନର ଉତଥାନ ପତନକୁ ସହିଯାଉଥାଏ ।

ପଲ୍ଲବୀର ଏପ୍ରକାରର ପ୍ରକୃତି କ'ଣ ପାଇଁ.. କେବଳ ସ୍ୱାର୍ଥ! ସ୍ୱାମୀ ଯାହା ରୋଜଗାର କରିବ ସେ ସବୁ ତା'ର..କେବଳ ତା'ର । ସେଥିରେ କେବଳ ସେମାନେ ଚଳିବେ । ସେଥିରୁ ଟଙ୍କାଟିଏ ବି ଅନ୍ୟ କାହାକୁ ଦିଆଯାଇ ପାରିବ ନାହିଁ । ଯେଉଁ ବଡ ଭାଇ ଶିକ୍ଷକତା କରି ଅମରେଶକୁ ଆଜି ଶିକ୍ଷିତ କରିଛନ୍ତି ସେ ତାଙ୍କୁ ପର କରିବ କେମିତି ?

ପିଲାଟି ଦିନରୁ ଭଲ ପଢୁଥିଲା ଅମରେଶ । ସେ ସବୁ ଶ୍ରେଣୀରେ ପ୍ରଥମ ହୁଏ । ବାପା ତା'ର ଆଖ ପାଖର ଦଶଖଣ୍ଡ ମୌଜାର ପୁରୋହିତ । ଯଜମାନ ମାନେ ଯିଏ ଯାହା ଦିଅନ୍ତି ସେ ଖୁସିରେ ଗ୍ରହଣ କରନ୍ତି ତାକୁ । ବିବାହ,ବ୍ରତ,ସତ୍ୟନାରାୟଣ ମେଳା ଇତ୍ୟାଦି କାମ କରିବାରେ ସେ ଥିଲେ ଧୁରନ୍ଧର । ସବୁ ପ୍ରକାରର ପୂଜା କର୍ମକାଣ୍ଡ କରିବାରେ ସେ ଥିଲେ ସିଦ୍ଧହସ୍ତ । ତେଣୁ ପ୍ରାୟ ସବୁଦିନେ ସେ କାର୍ଯ୍ୟରେ ବ୍ୟସ୍ତ । ସକାଳୁ ସକାଳୁ ଗ୍ରାମ ଦେବତୀଙ୍କ ପୂଜାଠୁ ଆରମ୍ଭ କରି ରାତିରେ ପହଡ ଯାଏଁ ସବୁ ପୂଜା କାମ କରନ୍ତି । ଅବଶ୍ୟ ବଡଭାଇ ତାଙ୍କୁ ସାହାଯ୍ୟ କରନ୍ତି ଦରକାର ବେଳେ..କାହିଁକିନା ବାପା ତାଙ୍କୁ ସବୁ ପୂଜା ପାଠ ଶିଖାଇଥାନ୍ତି ।

ଅମରେଶ ଅଷ୍ଟମ ଶ୍ରେଣୀରେ ପଢୁଥିଲା ବେଳେ ହଠାତ୍ ହୃଦଗାତରେ ମୃତ୍ୟୁ ହେଲା ମା'ଙ୍କର । ତା'ପରେ ଘର ଚଳେଇବା ବଡ କଷ୍ଟକର ହୋଇଗଲା । ହେଲେ କଥାରେ ନାହିଁ 'ସମୟ ସହିତ ବଦଳିଯାଏ ସମସ୍ତଙ୍କର ଦାୟିତ୍ୱ..'ଠିକ୍ ସେମିତି ମା'ଙ୍କ ଅନୁପସ୍ଥିତିରେ ବଡ ଭାଇ ପାଲଟିଗଲେ ଅମରେଶର ମା' । ସେ ଘରର ଦାୟିତ୍ୱ ନେଇଗଲେ ନିଜ ଉପରକୁ ଠିକ୍ ମା'ଙ୍କ ପରି । ସକାଳେ ଆଉ ସଞ୍ଜରେ ରୋଷେଇ କରନ୍ତି ଭାଇ । ବାପା ତ ତାଙ୍କର ପୁରୋହିତ କାମରେ ବ୍ୟସ୍ତ ରହୁଥିଲେ ସବୁବେଳେ । ଅମରେଶର ଆଜି ବି ମନେ ଅଛି..ଘର ଖଣ୍ଡିକ ଆଉ ବାରିକୁ ଛାଡି ଦେଲେ ସେତେବେଳେ ବସୁଧାରେ ଆଉ ଟିକିଏ ବି ଜମି ନଥିଲା ତାଙ୍କର । ସେଥିରେ ସେମାନେ ଚଳି ଯାଉଥିଲେ କଷ୍ଟେ ମଷ୍ଟେ । ମା'ଙ୍କର ଦେହାନ୍ତର ବର୍ଷଟେ ପରେ ବିବାହ ହେଲା ଭାଇଙ୍କର । ଘରକୁ ଆସିଲେ ନୂଆ ଭାଉଜ । ସେ ତ ନୂଆ ଭାଉଜ ନଥିଲେ ଅମରେଶ ପାଇଁ..ଥିଲେ ତାର ମା' । ସତରେ..ବଡଭାଇଙ୍କୁ ଉପଯୁକ୍ତ ପାତ୍ରୀଟିଏ ମିଳିଛି । ସେ ତାଙ୍କ ବାପ ଘରୁ ଗୋଡ କାଢି ଆସିଲା ଦିନଠୁ ଦିନରାତି ଲାଗିଥାନ୍ତି ଘର କାମରେ । ତାଙ୍କୁ କେହି କେବେ ଥକି ପଡିବାର ଦେଖିନି । ସକାଳୁ ରାତିଯାଏ ଟିକିଏ ବି ଫୁରୁସତ ନଥାଏ ତାଙ୍କୁ । ସକାଳୁ ସକାଳୁ ବାପାଙ୍କ ଚା' ଜଳଖିଆ ଦେଇ ସାରି ସ୍କୁଲ ବେଳକୁ ଦୁଇ ଭାଇଙ୍କୁ ଖାଇବାକୁ ଦେଇ ବିଦାୟ ଦେଲା ପରେ ପରେ ସେ ଏକା ଘରେ ଲାଗିଥାନ୍ତି ବାକି ପାଇଟିକୁ ସାରିବାରେ । କାହାର ଯେପରି କିଛି ଅସୁବିଧା ନହୁଏ ସେଥିପ୍ରତି ସେ ସବୁବେଳେ ତତପର । ସମୟ କ୍ରମେ ସେ ଚାରିଗୋଟି ସନ୍ତାନର ଜନନୀ ହେଲେ । ଘରର ଲିପା ପୋଛା,ରୋଷେଇ ବାସ,ଛୁଆଙ୍କ କାମ,ଠାକୁର ପୂଜା ଭଳି କାମରେ ସେ ଦିନ ରାତି ଲାଗିଥାନ୍ତି । ସେ ଅମରେଶକୁ ନିଜର ସାନ ଭାଇ ଭଳିଆ ଦେଖନ୍ତି..ଆଉ ଅମରେଶ ତାଙ୍କୁ ମା' ଭଳି ସମ୍ମାନ କରେ । ଘରେ ସବୁ କିଛି ଚାଲିଥିଲା ଗତାନୁ ଗତିକ ଭାବରେ । ଅମରେଶର ପାଠ ପଢା ଶେଷ ହେଲା । ସେ ଚାରି ବର୍ଷ ଚାକିରୀ କଲାପରେ ବାପା ଭଲ ଘର,ଭଲ ପାତ୍ରୀଟିଏ ଦେଖି ତା'ର ବିବାହ କାର୍ଯ୍ୟ ସମ୍ପନ୍ନ କରିଦେଲେ । ବାହାଘର ପରେ ମାତ୍ର ଦଶ ଦିନ ଘରେ ରହିଲା ପଲ୍ଲବୀ..। ତା'ପରେ ଅମରେଶ ସହିତ ଚାଲିଆସିଲା ସହରକୁ ।

କେଇଟା ଦିନର ରହଣି ପରେ ଅମରେଶ ଜାଣିଗଲା ପଲ୍ଲବୀର ପ୍ରକୃତିକୁ । କୌଣସି ପରିସ୍ଥିତିରେ ଭାଇ ଭାଉଜଙ୍କ ଆର୍ଥିକ ସହ ଯୋଗ ଦେବା ସପକ୍ଷରେ ନଥିଲା ପଲ୍ଲବୀ । ଯେଉଁ ଭାଇ ଭାଉଜ ନିଜ ଦୁଃଖ ସହି ନିଜର ପିଲାମାନଙ୍କୁ କଷ୍ଟରେ ଚଳେଇ ଆଜି ତାକୁ ମଣିଷ କରିଛନ୍ତି..ସେମାନଙ୍କୁ ସେ କେମିତି ଭୁଲିବ..? କେମିତି ତାଙ୍କୁ ପର କରିଦେବ..? ତା'ଛଡା ଘରେ ପିଲା ଚାରିଟା ତ ପୁଣି ପାଠ ପଢି ମଣିଷ ହେବେ । କେମିତି ସେ ସ୍ୱାର୍ଥପର ହୋଇ ସେମାନଙ୍କୁ ଅଣଦେଖା କରିଦେବ..? ନା'..ସେ ସେମିତି କରି ପାରିବନି । ତେଣୁ ସେ ପଲ୍ଲବୀର କଥାକୁ ନଶୁଣି ପ୍ରତିମାସରେ ଟଙ୍କା ପଠାଏ ଭାଇ ଭାଉଜଙ୍କ ପାଖକୁ ।

ବୋଧହୁଏ ଭାଉଜ ପଲ୍ଲବୀର ଗୁଣ ବିଷୟରେ ଅବଗତ ହୋଇ ସାରିଥରଲେ..ସେଇ ଦଶଦିନର ରହଣିରେ । ସେଥିପାଇଁ ତ ସେ ଯେତେବେଳେ ପଲ୍ଲବୀ ସହିତ ବିବାହ ପରେ ସହରକୁ ଆସିବାକୁ ବାହାରିଲା ଭାଉଜ କହିଥିଲେ, 'ଦେଖ ଅମରେଶ..,ସଂସାର ଭିତରେ ଘର କରିଥିଲେ ପଥର ପଡିଲେ ସହି',ତେଣୁ ତୁମେ ଟିକେ ଧୈର୍ଯ୍ୟ ଧରିବ । ସେ ସେତେବେଳେ ସିନା ଏ କଥାର ମର୍ମକୁ ବୁଝି ପାରିନଥିଲା..ହେଲେ ଏବେ ବୁଝି ସାରିଛି ତାଙ୍କ କଥାର ନିହିତ ଅର୍ଥକୁ ।

ଏ ପଟେ ବଡ ହେଉଥାନ୍ତି ରିଦ୍ଧି ଆଉ ସିଦ୍ଧି । ସେମାନଙ୍କ ପାଠ ପଢାର ସୁବିଧା ପାଇଁ ପଲ୍ଲବୀ ଗୋଟେ ନୂଆ ଜାଲ ବିଛାଇଲା । କ'ଣ ନା'..ଭୁବନେଶ୍ୱରରେ ଘରଟିଏ ଦରକାର । ତାହା ପୁଣି ନିଜର । ଭଡା ଘରେ ରହି ରହି ବ୍ୟସ୍ତ ହୋଇ ପଡିଲାଣି ସେ । ଅମରେଶ ବି ଅନେକ ଥର ଏ ବିଷୟରେ ଭାବିଥିଲା ହେଲେ ଆଉ କିଛି ବର୍ଷ ଯାଉ..ଭାବି ରହିଯାଇଥିଲା । ଦିନେ ପଲ୍ଲବୀ ଖବରକାଗଜରୁ ଗୋଟିଏ ଘର ବିକ୍ରି ବିଜ୍ଞାପନ ପଢି ଯୋଗାଯୋଗ କରି ଘରର ଦରଦାମ ବୁଝି ବାଧ୍ୟକଲା ଅମରେଶଙ୍କୁ ଘରଟି କିଣିବା ପାଇଁ । ଅମରେଶ ଚାକିରୀ ଆରମ୍ଭରୁ ପ୍ରତି ମାସରେ କିଛି କିଛି ସେୟାର୍ କିଣୁଥିଲା । ସେ କିଛି ସେୟାର୍ ବିକି କିଣିଲା ଘରଟିକୁ । ଘର କିଣି ସାରିବା ପରେ ଅମରେଶ ଭାବିଲା ବୋଧେ ନିଜର ଘରଟିଏ ହେବା ପରେ ପଲ୍ଲବୀ ଟିକେ ବଦଳିଯିବ । ହେଲେ..ହାଏରେ ତା' ପୋଡା କପାଳ! କୌଣସି ପରିବର୍ତ୍ତନ ହେଲାନି ପଲ୍ଲବୀର ସ୍ୱଭାବରେ । 'ଯଥାଂ ପୁର୍ବଂ..ତଥାମ୍ ପରଂ ।' ଅମରେଶ ଭାବିଲା ନିଜର ଘରଟିଏ ତ କିଣି ଦେଲି । ଏବେ ବଦଳି ହେଲେ ଏକୁଟିଆ ଯିବାକୁ ପଡିବ । ସତକୁ ସତ ମାସ କେଇଟା ପରେ ତାହା ହିଁ ହେଲା । ଅମରେଶ ବଦଳି ହୋଇ ଏକୁଟିଆ ଗଲା ରାୟଗଡା ।

ପ୍ରଥମେ ପ୍ରଥମେ ରାୟଗଡାରେ ଏକୁଟିଆ ରହିବାରେ ବହୁତ କଷ୍ଟ ହେଉଥିଲା ଅମରେଶକୁ । ସବୁବେଳେ ତା'ର ଝିଅ ମାନେ ମନେ ପଡନ୍ତି । ତେଣୁ ସେ ପ୍ରତି ଶନିବାର ଦିନ ରାୟଗଡାରୁ ଭୁବନେଶ୍ୱର ଆସେ । ଘର ପାଇଁ ଦରକାରୀ ଜିନିଷ ସବୁ ବଜାରରୁ କିଣି ଆଣି ଘରେ ଦିଏ ଆଉ ରବିବାର ରାତିରେ ଭୁବନେଶ୍ୱରରୁ ବାହାରି ସୋମବାର ସକାଳେ ରାୟଗଡାରେ ନିଜ କର୍ମସ୍ଥଳୀରେ ଆସି ପହଞ୍ଚିଯାଏ । ଦିନେ ଟ୍ରେନରେ ଗଲାବେଳେ ସେ କିଛି ଯାତ୍ରୀଙ୍କଠୁ ଶୁଣିଲା ଯେ,ସେମାନେ ସମସ୍ତେ ଜଗନ୍ନାଥଙ୍କର ସୁନାବେଶ ଦେଖି ଫେରୁଛନ୍ତି । ଏହା ଶୁଣୁ ଶୁଣୁ ତା' ମନରେ ନାନା ପ୍ରଶ୍ନ ଉଙ୍କି ମାରିଲା । ଏଇ ଜଗନ୍ନାଥଙ୍କର ସୁନାବେଶ ଆଗ୍ରହୀ,ଜଗନ୍ନାଥଙ୍କ ଦର୍ଶନ ଅପେକ୍ଷା,ତାଙ୍କର ଆଖି ଝଲସା ସୁନା ମୁକୁଟ ଆଉ ହୀରାନୀଳାକୁ ଦେଖି ସେଥିରେ ବିଗଳିତ ହୋଇ..ମଜ୍ଜି ଯାଇ ଫେରିବା ପରି ଆଜିକାଲିର ସ୍ତ୍ରୀ ମାନେ ଚାକଚକ୍ୟ ଉପରେ ଭାସିଯାଉଛନ୍ତି,ହୃଦୟକୁ ଚିହ୍ନିବାକୁ ଟିକିଏ ବି ଚେଷ୍ଟା କରୁନାହାନ୍ତି । କଥାରେ ଅଛି "ମା ଚିହ୍ନେ ପେଟ..ସ୍ତ୍ରୀ ଚିହ୍ନେ ପକେଟ ।" ଏହା ପ୍ରକୃତ ସତ୍ୟ । ଅବଶ୍ୟ କିଛି ବ୍ୟତିକ୍ରମ ମଧ୍ୟ ଅଛନ୍ତି । ଜଣେ ଦିନ ମଜୁରିଆ ଶାଗ ପଖାଳ ଗଣ୍ଡେ ଖାଇ କେତେ ସୁଖରେ ଅଛି । ଆଉ କାଳିଆ..! ମୋ ଭାଗ୍ୟରେ କ'ଣ ସୁଖ ଟିକିଏ ବି ଲେଖା ନାହିଁ ? ଯଦି ମୋ ଭାଗ୍ୟରେ ତୁ ସୁଖ କାଣିଚାଏ ବି ଲେଖିନୁ ତେବେ ମୋତେ ତୋ ପାଖକୁ ନେଇଯାରେ କାଳିଆ..ନେଇ ଯା ।

ଏମିତି ଚିନ୍ତା କରୁ କରୁ ଗାଡି ଆସି ପହଞ୍ଚିଲା ବିଜୟନଗରମ ଷ୍ଟେସନ୍‌ରେ । ହଠାତ୍ ଦେଖିଲା ବେଳକୁ ପାଣି ସରିଯାଇଛି । ତେଣୁ ସେ ଖାଲି ବୋତଲକୁ ଧରି ଗାଡିରୁ ଓହ୍ଲାଇ ପିଇବା ପାଣି ଆଣିବାକୁ ଯାଇ ଦେଖେତ ଓ୍ୱାଟର ପାଖରେ ଲମ୍ବା ଲାଇନ୍ । ତେବେ ତା' ପାଳି ଆସିଲା ବେଳକୁ ଗାଡି ଛାଡିବା ଘ???ି ବାଜିଗଲା । ସେ ତରତର ହୋଇ ପାଣି ନେଇ ଟ୍ରେନରେ ଚଢିଲା ବେଳକୁ ଗୋଡ ଖସିଗଲା । ଆଉ ସେ ପଡିଗଲା ରେଳ ଧାରଣା ଉପରେ । ଚଳନ୍ତା ଟ୍ରେନଟି ଚଢିଗଲା ଅମରେଶ ଉପରେ..! ଓଃ କି କଷ୍ଟ..! ସେହି ସମୟରେ କିଛି କ୍ଷଣ ପାଇଁ ଅମରେଶ ଆଖି ଆଗରେ ଭାସି ଉଠିଲା ସମସ୍ତଙ୍କର ଚେହେରା । ସେ ଆଜି ଆଉ କିଛିଦିନ ବଞ୍ଚିବାକୁ ଚାହୁଁଥିଲା ଦୁଇ ଝିଅଙ୍କ ପାଇଁ । ହେଲେ..ଜାଣି ସାରିଥିଲା ସେ କି ତା' ପାଖରେ ଆଉ ସମୟ ନାହିଁ.. "ସେ ତ ପକ୍ଷୀଟିଏ..ଜୀବନ ଯାକ ସହିଲା..କେତେ ଦିନ ଆଉ ରୁଦ୍ଧ ଆକାଶରେ ବନ୍ଦୀ ହୋଇ ରହିବ..କିଛି ମୂହୁର୍ତ୍ତରେ ସେ ହୁଏତ ଆଉ ନଥିବ ଏ ଦୁନିଆରେ..?" ତା' ମନ ବିଳାପ କରୁଥିଲା ଭିତରେ ଭିତରେ ଆଉ କହୁଥିଲା..

"ଖୋଜୁଥିଲି ଦିନେ ଯେଉଁ ମୂହୁର୍ତ୍ତକୁ /ଟିକେ ଶାନ୍ତିରେ ମରିବା ପାଇଁ, / କେଉଁଠି ଥିଲା ସେ ମୂହୁର୍ତ୍ତ କେଜାଣି /କ୍ଷଣିକେ ପାଖକୁ ଆସିଲା ଧାଇଁ ।

ଭାବିଲି ତାକୁ ମୁଁ ଅଟକେଇ ଦେବି /କିଛି ମୂହୁର୍ତ୍ତକ ପାଇଁ.. /ବଞ୍ଚିଯିବି ଆଉ କିଛି ଦିନ ମୁହିଁ /ଝିଅ ଦୁହିଁଙ୍କ ମୁହଁ ଚାହିଁ ।

ମୋ ମନ କଥାକୁ ପଢିନେଲା କାଳ / ମୂହୁର୍ତ୍ତେ ମୁହଁକୁ ଚାହିଁ,/ ହସି କହିଲା ସେ ମୂହୁର୍ତ୍ତେ ବି ନାହିଁ / ଆଉ ମୋର ବଞ୍ଚିବା ପାଇଁ ।।"

*୨୧୭,ୟୁନିଟ-୯(ଫ୍ଲାଟ),ବାୟାବାବା ମଠ ଲେନ,ଭୁବନେଶ୍ୱର-୨୨,ଫୋନ-୯୦୯୦୪୫୯୭୪୫*

# ଗଣତନ୍ତ୍ର



ପବିତ୍ର ମୋହନ ଦାଶ



**ସ**ପିଂ ମଲ୍‌ର ସୋକେଶ୍‌ରେ
ଫ୍ଲୋରୋସେଣ୍ଟ ଆଲୁଅରେ ସୁସଜ୍ଜିତ
ଥାକଥାକ ଅଧିକାର
ପ୍ରସ୍ତପ୍ରସ୍ତ ନିରାପତ୍ତା
ଭଳି ଭଳି ନ୍ୟାୟ,
ପାହାଚ ଉଠ, ଧସେଇ ପଶ
କ୍ରୟ କ୍ଷମତା ପାଶୋରି
ଆବଶ୍ୟକ ଓଜନର ଯାହାଚାହିଁ ମୂଲାଅ।
ତମ ଚମଡାର ବର୍ଣ୍ଣ
ରକ୍ତର ଗ୍ରୁପ୍, ଜନଜାତି ବର୍ଗର ନାଁ
ପରିଚୟ ପ୍ରମାଣ ପାଇଁ ଜଣାଅ
ତମ ପଛରେ ଥିବା
ଜନ ସମର୍ଥନର କ୍ରେଡିଟ୍ କାର୍ଡ ଦେଖାଅ।

ଏତିକିରେ ଅସନ୍ତୁଷ୍ଟ ?
ଯଦି ହାତରେ ଅଛନ୍ତି କିଛି ଘୋଡା
ଏକ୍ସଚେଞ୍ଜ ଅଫ୍‌ର ଦାବିକର,
ମୌକା ଦେଖି
କରିପାରିବ କ୍ରସ୍ ଭୋଟିଂ ?
ମାଗିନିଅ ଗିଫ୍ଟ ଭାଉଚର୍।
କଣ କହିଲ ?
ବିଗ୍‌ବଜାର ଯିବାକୁ ଟ୍ରାଫିକ୍ ଜାମ୍
ବ୍ୟସ୍ତ ହୁଅନା
ପାଞ୍ଚବର୍ଷ ପରେ ଅନଲାଇନ୍ ସପିଂ
ଘରେ ବସି କରିବ ଅର୍ଡର
ନ୍ୟାୟ, ନିରାପତ୍ତା, ଅଧିକାର।

*ଅଧ୍ୟାପକ,ଶାସ୍ତ୍ରୀ ସ୍ମୃତି ଡିଗ୍ରୀ ମହାବିଦ୍ୟାଳୟ*
*ବାଲିପୁଟ, ପୁରୀ*

# ବିରହିଣୀ ରାଧା

ମନୋରମା ମିଶ୍ର



**ଆ**ତ୍ମ ଦହନର ଧୂପ ଶିଖାରେ
ନିଜକୁ ନିର୍ଲିପ୍ତ କରିଦେବା ପରେ
ଚାହେଁ ତୁମ ପ୍ରେମର ଛାୟା ଦୁର୍ଗ,
ଯାହାକୁ ଭେଦିବାର ସାହାସ ନଥିବ
ସମୟର।।
ତୁମ ପ୍ରୀତିଧାରାର ନୀଳ ପ୍ରୀତି ପିଇ
ନିଜକୁ ସମର୍ପି ଦେବି,
ତୁମ ପାଦ ଭୂମିକୁ ଓହ୍ଲାଉଥିବା
ପ୍ରଖର ଅଭିଶାପରେ
ମୁକ୍ତି ପାଇଥିବା ଅହଲ୍ୟାଠାରୁ
ଆହୁରି କଠିନ ଜଡ଼ବସ୍ତୁ ପରି,
କୁହ ... କ'ଣ ଯାଇ ପାରିବ ପଦାଘାତ କରି ?
ହୁଏତ ପାଇଯିବି ମୁକତି ଅବା
ହଜିଯିବି ପାଦର ସନ୍ଧିରେ ରେଣୁଟିଏ ଭଳି।



ତୁମ ବାଲ୍ୟ ଜୀବନ ଦୃଶ୍ୟପଟରେ
ମୁଁ ଏକ ଅଭିଲେଖା,
ଦୂରେଇ ଯାଅନା ମୋଠାରୁ କୃଷ୍ଣ
ଆମ ଯୁଗଳ ମୂର୍ତ୍ତି କହିବ
ଆମ ଜୀବନର କଥା,
ଯେଉଁ କାହାଣୀରେ ରହିଛି
ଜଗତ ପାଇଁ କି ଶିକ୍ଷା।
ମୋ ଅନ୍ତର୍ନିହିତ ଇଚ୍ଛା ସବୁ
ତୁମ ପାଇଁ କ୍ଲାନ୍ତ, ଅବସନ୍ନ ଓ ଏକାନ୍ତ ନିଃସହାୟ
ତୁମ ବିଚ୍ଛେଦର ଜ୍ୱାଳା ମୋ ପାଇଁ ପାଲଟିଛି
ପକ୍ଷଚ୍ୟୁତ ଜଟାୟୁର ବ୍ୟଥାର ବିଳାପ।

ଦେହ, ମନରେ ପ୍ରତିଧ୍ୱନିତ ହୋଇ ଉଠୁଛି
ତୁମ ପ୍ରୀତିର ରାଗିଣୀ
ହୃତପିଣ୍ଡ ସ୍ପନ୍ଦିତରେ ହୋଇଉଠେ
ତୁମ ଫେରିବାର ମେଘ ମହ୍ଲାର ଶବ୍ଦ,
ମୋ ଚକ୍ଷୁରୁ କଜ୍ଜ୍ୱଳଧାର
ନିଗିଡି ଯାଇ ପୋଛି ହୋଇଯାଏ
ସତେ, ସେହିକ୍ଷଣି ତୁମ ନୀଳ ଦେହ ବର୍ଷାରେ
ମିଶି ଘନ ନୀଳର ମଧୁତୋଳିବାକୁ,
ମୁଁ ତୃଷାର୍ତ୍ତ କୃଷ୍ଣ –
ଆସ ଫେରି ଆସ ଥରେ
ସଂଜୀବନୀ ମନ୍ତ୍ରରେ ଅଭିମନ୍ତ୍ରିତ ହୋଇ
ତୁମ ପାଇଁ ପ୍ରତି କ୍ଷଣ ଏଇ ପ୍ରାଣ
ବୃନ୍ଦାବନର ଅଭିଶପ୍ତ ଅଧିଶ୍ୱରୀ ମୁଁ
ଅପେକ୍ଷାରେ ଅଛି ତୁମପରି ଈଶ୍ୱରଙ୍କ ଚରମ
ସାନ୍ନିଧ ଲଭିବା ପାଇଁ।
*(ଏକ ଦୀର୍ଘ କବିତାର କିୟଦଂଶ)*

*ଶିଶୁପାଳଗଡ, ଭୁବନେଶ୍ୱର*








ଅଂଶୁମାନ ମିଶ୍ର
ଷ୍ଟାଣ୍ଡାର୍ଡ-୨
ଡିଏଭି ପବ୍ଲିକ ସ୍କୁଲ
ପୋଖରୀପୁଟ





ତନ୍‌ଭୀ ଗୁପ୍ତା
ଷ୍ଟାଣ୍ଡାର୍ଡ-୧
ଗ୍ରୀନ୍‌ଉଡ୍ ହାଇସ୍କୁଲ
ବେଙ୍ଗାଲୁରୁ



# କେନ୍ଦୁପତ୍ର ଶ୍ରମିକଙ୍କ ଟଙ୍କା ଖାଇଗଲେ ରେଞ୍ଜର, ଫରେଷ୍ଟର

**ବାଲିଗୁଡ଼ା :** କାମଧନ୍ଦା ନ ପାଇ ଓଡ଼ିଶା ଛାଡ଼ି ଅନ୍ୟ ରାଜ୍ୟ ତଥା ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ମୁମ୍ବାଇ, କର୍ଣ୍ଣାଟକ ଆଦି ରାଜ୍ୟକୁ ଦାଦନ ଖଟିବାକୁ ଯାଇଥିବାରୁ ରାଜ୍ୟ ସରକାର ନିଜ ରାଜ୍ୟରେ କାମ ଯୋଗାଇ ଦେବାକୁ କହି ଭିନ୍ନ ଭିନ୍ନ ବିଭାଗରେ ଲୋକମାନଙ୍କୁ ୧୫୦ ଦିନର କାମ ଯୋଗାଇବାକୁ ପ୍ରଚେଷ୍ଟା କରିଛନ୍ତି। ଯାହଦ୍ୱାରା ଅଧବକାଂଶ ଲୋକ ଏହା ଦ୍ୱାର ନିଜ ପରିବାରର ଗୁଜୁରାଣ ମେଂଟାଇଥାନ୍ତି। କିନ୍ତୁ କିଛି ଜିଲାର କିଛି ବିଭାଗିୟ ଅଧିକାରୀ, ଯନ୍ତ୍ରୀ ଶ୍ରମିକଙ୍କ ଟଙ୍କା ଖାଇ ଦିନ ପରେ ଦିନ ମାସ ପରେ ମାସ ଶ୍ରମିକଙ୍କ ଟଙ୍କା ନଦେଇ ଦଉଡ଼ାଇ ଥାନ୍ତି। ଯାହା ଫଳରେ ଶେଷରେ ଶ୍ରମିକଟି ନିରାଶ ହୋଇ ପୂର୍ଣ୍ଣବାର ଦାନଦ ଖଟିବାକୁ ବାହାର ରାଜ୍ୟ ଉପରେ ନିର୍ଭର କରିଥାଏ। ଏମିଜିଏନାରିଜିଏସ ହେଉ ବା କେନ୍ଦୁପତ୍ର ତୋଳାଳି ହେଉ ବା ହୁଡ଼ା ମରାମତି କାର୍ଯ୍ୟ ହେଉ ଏ ସବୁ କାଯ୍ୟରେ ନିୟୋଜିତ ଥିବା ଅଧିକାଂଶ ଶ୍ରମିକଙ୍କ ଟଙ୍କାକୁ ବିଭାଗିୟ ଯନ୍ତ୍ରୀ ହୁଅନ୍ତୁ ବା ଅଧିକାରୀ ହଡ଼ପ କରିବାରେ ତିଳେ ମଧ୍ୟ ପଛଉ ନ ଥିବା ଅଭିଯୋଗ ହୋଇଛି। ଏପରି ତ ବହୁ ଘଟଣା ଜିଲ୍ଲାରେ ଅଛି। ଲେବର କୋଟରେ କେଶ ମଧ୍ୟ ହୋଇଛି। କିନ୍ତୁ ଏବେ ବାଲିଗୁଡ଼ା ଜଙ୍ଗଲ ବିଭାଗରେ ଏପରି ଆଉ ଏକ ଘଟରା ଲୋକ ଲୋଚନକୁ ଆସିଛି। ସୂଚନା ପ୍ରକାରେ ୨୦୧୮ ସାଲରେ ୮ ଗୋଟି କେନ୍ଦୁପତ୍ର ଫଡିରେ ପତ୍ର ବନ୍ଧେଇ କରିଥିବା ଶ୍ରମିକମାନଙ୍କ ଟଙ୍କା ଆଜି ପର୍ଯ୍ୟନ୍ତ କାମ କରାଇଥିବା ରେଞ୍ଜର କିମ୍ବା ଫରେଷ୍ଟର ଦେଇନଥିବା ଅଭିଯୋଗ କରିଛନ୍ତି ଫଡ଼ି ଶ୍ରମିକମାନେ। ବର୍ଷ ୨୦୧୮ ସାଲରେ ବାଲିଗୁଡ଼ା ବନଖଣ୍ଡିୟ ରେଞ୍ଜର ଫରେଷ୍ଟରଙ୍କ କହିବା ପ୍ରକାରେ କିଛି ଶ୍ରମିକ ପତ୍ର ବନ୍ଧେଇ ମେଟ୍ ଭାବରେ ଦାୟିତ୍ୱ ନେଇ ପତ୍ର ବନ୍ଧେଇ କୁଲି ମଜୁରି ଲୋକମାନଙ୍କୁ ଯୋଗାଡ଼ କରି ଗତବର୍ଷ ତା.୦୪.୦୬.୨୦୧୮ ରିଖ ଠାରୁ ଆରମ୍ଭ କରି ମୋଟ ୮ ଗୋଟି କେନ୍ଦୁପତ୍ର ଫଡିର ପତ୍ର ବନ୍ଧେଇ କାମ କରାଇ ତା.୧୬.୧୦.୨୦୧୮ ରିଖ ଦିନ ଶେଷ କରିଥିଲେ। ଏହି ସମୟ ମଧରେ ଫରେଷ୍ଟର ଶ୍ରମିକମାନଙ୍କୁ ଭାତିଆ ବାବଦକୁ କିଛି ଟଙ୍କା ମଧ୍ୟ ଦେଇଥିଲେ। ଫଡ଼ି ବନ୍ଧା ଶେଷରେ ହିସାବ କରି ଭାତିଆ ଟଙ୍କା କାଟି ବଳକା ଟଙ୍କା ଦେବା ନିମନ୍ତେ ଚୁକ୍ତି ମଧ୍ୟ ହୋଇଥିଲା। ତେଣୁ ବନ୍ଧା ସରିଲା ପରେ ହିସାବ କରି ଟଙ୍କା ଟଙ୍କା ଦିଆ ବୋଲି ବାରମ୍ବାର ରେଞ୍ଜର ଏବଂ ଫରେଷ୍ଟରଙ୍କୁ କହିଲା ପରେ ମଧ୍ୟ ବାରମ୍ବାର ଦଉଡ଼ାଇ ଥିଲେ ମଧ୍ୟ ମଜୁରୀ ଟଙ୍କା ଦେବା ନା ଧରୁନଥିଲେ। ଫଡ଼ି ସଂଘ ତରଫରୁ ଲିଖିତ ଭାବେ ଦରଖାସ୍ତ କରି ମଧ୍ୟ କାମର ହିସାବ ଦେଲା ନାହିଁ କି ମଜୁରୀ ଟଙ୍କା ମିଳିଲା ନାହିଁ। ଶ୍ରମିକମାନେ ମିଳିତ ହୋଇ ଫରେଷ୍ଟରଙ୍କୁ ଟଙ୍କା ମାଗି ଦେବାରୁ ସେ ୧୫.୦୪.୨୦୧୯ ସୁଦ୍ଧା ସମୁଦାୟ ଟଙ୍କା ଦିଆଯିବ ବୋଲି ଲେଖି କି ପ୍ରତିଶ୍ରୁତି ଦେଲେ। କିନ୍ତୁ ଆଜି ସୁଦ୍ଧା ମଜୁରୀ ଟଙ୍କା ଦେଲେ ନାହିଁ। ଏ ନେଇ ଶ୍ରମିକମାନେ ବାଧ ହୋଇ କନ୍ଧମାଳ ଜିଲ୍ଲାପାଳ ଡ଼ ବୃନ୍ଦା ଡ଼ି, ଉପଜିଲ୍ଲାପାଳ ବାଲିଗୁଡ଼ା, ଜିଲ୍ଲା ଶ୍ରମ ଅଧିକାରୀ ମାନଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଯଦି ୧୦ ଦିନ ଭିତରେ ସେମାନଙ୍କ ମଜୁରୀ ଟଙ୍କା ଦିଆ ନ ଯାଏ ତାହାହେଲେ ଜିଲାପାଳଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିବେ ବୋଲି ଶ୍ରମିକ ସଂଘଠନ ପକ୍ଷରୁ ଚେତାବନି ଦିଆଯାଇଛି। ବାଲିଗୁଡ଼ା ରେଞ୍ଜ ଅଧିକାରୀ ଉମେଶ ଦିଗାଲଙ୍କୁ ପଚାରିବାରୁ ସେ କହିଥିଲେ ପୂର୍ବତନ ଫରେଷ୍ଟର ବର୍ତମାନ ଦଶପଲ୍ଲା ରେଞ୍ଜର ଚାର୍ଜରେ ଥିବା ସୁନିଲ ରାଓଜିତ ଶ୍ରମିକ ୩ ଲକ୍ଷ ଟଙ୍କା ଖାଇ ଏଠାରୁ ପଳାଇ ଯାଇଛନ୍ତି। କିନ୍ତୁ ଡ଼ିଏଫଓ କେନ୍ଦୁପତ୍ର ହେମନ୍ତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି ଏ ଘଟରା ମୁ ଏପ୍ରିଲ ମାସରେ ଜାଣିବାକୁ ପାଇଲି। ଜାଣିବପରେ କାହିକି ଶ୍ରମିକ ଟଙ୍କା ଦିଅଯାଇନାହି ବୋଲି ଖୋଳତାଳ କଲାପରେ ଏହା ପଛରେ ବାଲିଗୁଡ଼ା ରେଞ୍ଜ ଅଧିକାରୀ ଉମେଶ ଦିଗାଲ ଏହି ଟଙ୍କା ହେର ଫେରରେ ସାମିଲ ଥିବା ଜାଣିବାକୁ ପାଇଥବଲେ। ତୁରନ୍ତ ଶ୍ରମିକଙ୍କ ଟଙ୍କା ଫେରାଇବାକୁ ଶ୍ରୀ ଦିଗାଲଙ୍କୁ ତାଗିତ କରିବା ସହିତ ବିଭାଗିୟ କାର୍ଯ୍ୟାନୁଷ୍ଠାନ ନେଇତବବା କହିଛନ୍ତି ଡ଼ିଏଫଓ ଶ୍ରା ସାହୁ। ଦରକାର ପଡ଼ିଲେ ରେଜର ଶ୍ରୀ ଦିଗାଲଙ୍କ ଜିଏଫରୁ ଟଙ୍କା ବାହାର କରି ଶ୍ରମିକଙ୍କ ପୁଣା ଦେବାକୁ ଶ୍ରୀ ସାହୁ ରେଞ୍ଜର ଶ୍ରୀ ଦିଗାଲକୁ ନିର୍ଦ୍ଦେଶ ଦେଇଚନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଶ୍ରମିକଙ୍କ ଟଙ୍କା ତାଙ୍କ ଖାତାକୁ ଯିବା ବଦଳରେ ରେଞ୍ଜର କିପରି ଟଙ୍କା ଉଠାଇ ଗିଳିଦେଲେ ତାହା ତଦନ୍ତ ସାପକ୍ଷ।

# ବିଜେଡିର ହ୍ୟାଟ୍ରିକ୍

## ସୋନପୁରରେ ନିରଞ୍ଜନ ଓ ବୀରମହାରାଜପୁରରେ ପଦ୍ମନାଭ





**ସୋନପୁର:** ସୁବର୍ଣ୍ଣପୁର ଜିଲାର ଉଭୟ ସୋନପୁର ଓ ବୀରମହାରାଜପୁର ବିଧାନସଭା ଆସନରେ ଶାସକ ବିଜେଡି ଦଳର ପ୍ରାର୍ଥୀ ବିପୁଳ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ଉଭୟ ନିର୍ବାଚନ ମଣ୍ଡଳୀର ରିଟର୍ଣ୍ଣିଂ ଅଫିସରଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ, ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଝାରୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପି ପ୍ରାର୍ଥୀ ଅଶୋକ ପୂଝାରୀଙ୍କୁ ବିପୁଳ ଭୋଟ ବ୍ୟବଧାନରେ ପରାସ୍ତ କରି ନିର୍ବାଚନରେ ହ୍ୟାଟ୍ରିକ ଅର୍ଜନ କରିବା ସହ ତୃତୀୟ ଥର ବିଧାୟକ ଆସନ ଅଳଙ୍କୃତ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଶେଷ ରାଉଣ୍ଡ ସୁଦ୍ଧା ବିଜେଡି ପ୍ରାର୍ଥୀ ନିରଞ୍ଜନ ପୂଝାରୀ ୯୮୮୬୦ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ଅଶୋକ ପୂଝାରୀ ୭୨୯୭୯ ଖଣ୍ଡ ଭୋଟ ପାଇଛନ୍ତି। ସେ ୨୫ ୮୮୧ ଭୋଟ ବ୍ୟବଧାନରେ ବିଜୟୀ ହୋଇଛନ୍ତି। ସେହି ରି ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିଜେଡି ପ୍ରାର୍ଥୀ ପଦ୍ମନାଭ ବେହେରା ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ରଘୁନାଥ ଜଗଦଲାଙ୍କୁ ପରାସ୍ତ କରି ହ୍ୟାଟ୍ରିକ୍ ଅର୍ଜନ କରିବା ସହ ତୃତୀୟ ଥର ପାଇଁ ବିଧାୟକ ଆସନ ଅଳଙ୍କୃତ କରିଛନ୍ତି। ବିଜେଡିର ପଦ୍ମନାଭ ବେହେରା ୬୫୧୯୧ ଖଣ୍ଡ ଭୋଟ ପାଇଥିବା ବେଳେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେପିର ରଘୁନାଥ ଜଗଦଲା ୫୨୧୨୦ ଖଣ୍ଡ ଭୋଟ ପାଇଛନ୍ତି। ଏହା ବ୍ୟତିତ ବଲାଙ୍ଗିର ଲୋକସଭାରେ ବିଜେପିର ସଙ୍ଗୀତା କୁମାରୀ ସିଂଦେଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦୀ ବିଜେଡିର ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓ ପରାସ୍ତ କରି ବିଜେପିର ସଙ୍ଗୀତା କୁମାରୀ ଲୋକ ସଭା ଆସନ ଜିତିଥିଲେ।

# ଧର୍ମର ଜୟ ହୋଇଛି: ବାହିନିପତି

**ଜୟପୁର:** ର ବିଜୟ ପରେ ତାରାପ୍ରସାଦ ବାହିନିପତୀଙ୍କ ପ୍ରଥମ ସାମ୍ବାଦିକ ସମ୍ମିଳନୀ। ନିର୍ବାଚନରେ ସାମିଲ ଥିବା ସମସ୍ତ ସରକାରୀ କର୍ମଚାରୀଙ୍କୁ ଧନ୍ୟବାଦ ଦେବା ସହ ବିଜୟର ସମସ୍ତ ଶ୍ରେୟ କଂଗ୍ରେସ କର୍ମୀଙ୍କ ପାଇଁ ରହିଥିବା ନେଇ ତାରା ମତ ଦେଇଛନ୍ତି। ଏହା ସାଧାରଣ ଜନତାଙ୍କ ବିଜୟ ଏବଂ ଧର୍ମର ବିଜୟ କହିବା ସହ ଦୁର୍ନିତୀ,ଅନିତୀ ବିରୁଦ୍ଧରେ ସବୁ ବେଳେ ଲଢେଇ ଯାରି ରହିବ। ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାରେ ଶିକ୍ଷା, ଉତମ ସ୍ୱାସ୍ୟସେବା, କ୍ରୀଡା, ଯୋଗାଯୋଗ, ଗମନାଗମନ, ପାନୀୟଜଳ, ଜଳସେଚନ ପାଇଁ ପ୍ରଧାନ୍ୟତା ଦିଆଯିବ। ଏହି ମାଟିର ବିକାଶ ଏବଂ ଏହି ମାଟିର ସ୍ୱାଭିମାନକୁ ଧରି ଆଗକୁ ଆଗେଇବା ପାଇଁ ଦୃଢ ପରିକର ରହିଥିବା ତାରା ପ୍ରସାଦ ମତ ଦେଇଥିଲେ। ସବୁବେଳେ କଂଗ୍ରେସ ଦଳ ସହ ରହିଥିବା ତଥା ସେ ଦଳ ସାଥିରେ ରହି କାର୍ଯ୍ୟ କରିବା ନେଇ ସେ କହିଥିବା ବେଳେ ସିଧାସଳଖ ରାଜ୍ୟସ୍ତରିୟ କଂଗ୍ରେସ ନେତାଙ୍କୁ ଟାର୍ଗେଟ କରିଛନ୍ତି। ରାଜ୍ୟସ୍ତରୀୟ ନେତା କୋରାପୁଟ ତଥା ରାଜ୍ୟରେ କଂଗ୍ରେସର ବିଭାଜନ ନେଇ କାର୍ଯ୍ୟ କରୁଥିବା ନେଇ ସେ ସାଙ୍ଘାତିକ ଅଭିଯୋଗ କରିଛନ୍ତି। ଏହି ବିଭାଜନ ନହୋଇଥିଲେ କଂଗ୍ରେସ ଅବିଭକ୍ତ କୋରାପୁଟ ଜିଲ୍ଲାରେ ୧୧ ରୁ ୧୨ ଟି ବିଧାନସଭା ଆସନ ପାଇବା ନେଇ ଦୃଢକ୍ତୀ ପ୍ରକାଶ କରିଥିଲେ। ସେହିପରି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ କଂଗ୍ରେସର ପରାଜୟ ନେଇ ତାରା ସିଧାସଳଖ ଦାୟୀ କରିଥିବା ବେଳେ ଦୁଇଟି ଆସନରୁ ହାରିଥିବାରୁ ସେ ଇସ୍ତଫା ଦେଇଥିବା କହିଛନ୍ତି। ତେବେ ସେତିକି ନୁହେଁ ସେ ନିଜେ ନିରଞ୍ଜନ ପଟ୍ଟନାୟକଙ୍କୁ ପିସିସି ସବାପତି କରେଇବା ପାଇଁ କାର୍ଯ୍ୟକ୍ରମ କରିଥଲେ କିନ୍ତୁ ଏହି ପରି ଶୋଚନୀୟ ପରାଜୟ ପାଇଁ ସେ ହିଁ ଜାୟୀ ରହିଥିବା ନେଇ ମତ ରଖିଛନ୍ତି ତାରା ପ୍ରସାଦ ବାହିନିପତୀ।

# ରାଜ୍ୟ ସଂଗ୍ରହାଳୟ କହିବ ଏଭେରେଷ୍ଟ ବିଜୟିନୀ କଳ୍ପନାଙ୍କ କାହାଣୀ



**ଭୁବନେଶ୍ୱର:** ଏଭେରେଷ୍ଟ ବିଜୟିନୀ କଳ୍ପନା ଦାସଙ୍କ ବିୟୋଗ ସମଗ୍ର ରାଜ୍ୟ ଓ ଦେଶ ପାଇଁ ଦୁଃଖଦାୟକ। କଳ୍ପନାଙ୍କ ସ୍ମୃତି ସ୍ୱରୂପ ତାଙ୍କ ଦ୍ୱାରା ବ୍ୟବହୃତ କିଛି ସାମଗ୍ରୀ ସଂଗ୍ରହାଳୟରେ ସର୍ବସାଧାରଣଙ୍କ ପାଇଁ ପ୍ରଦର୍ଶିତ ହେବ। ଏହା ଫଳରେ ଏଭେରେଷ୍ଟ ଆରୋହିଣୀ ଓଡ଼ିଶାର ଗୌରବ କଳ୍ପନା ଦାସଙ୍କ ସ୍ମୃତିକୁ ଉଜ୍ଜୀବିତ ରଖାଯାଇପାରିବ ବୋଲି ସଂଗ୍ରହାଳୟର ଅଧୀକ୍ଷକ ଡ. ଜୟନ୍ତୀ ରଥ ଆଶାପ୍ରକାଶ କରିଛନ୍ତି। କଳ୍ପନା ଗତବର୍ଷ ତାଙ୍କ ସଫଳତାର ସନ୍ତକ-ଆରୋହଣ ପରଛଦ, ଜୋତା ଓ ଅନ୍ୟାନ୍ୟ ସାମଗ୍ରୀ ଇତ୍ୟାଦି ସଂସ୍କୃତି ବିଭାଗକୁ ପ୍ରଦାନ କରିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀ ମନୋରଞ୍ଜନ ପାଣିଗ୍ରାହୀଙ୍କ ସହିତ ଏକ ଅନୌପଚାରିକ ସୌଜନ୍ୟ ସାକ୍ଷାତ ଅବସରରେ ସେ ଉପରୋକ୍ତ ସାମଗ୍ରୀଗୁଡ଼ିକ ପ୍ରଦାନ କରିଥିଲେ। ସେଗୁଡ଼ିକ ସଂଗୃହିତ ହୋଇ ରାଜ୍ୟ ସଂଗ୍ରହାଳୟରେ ରଖାଯାଇଛି। ସୂଚନାଯୋଗ୍ୟ ଯେ ଗତକାଲି କଳ୍ପନା 'ତିନି ମହିଳା ଅଭିଯାତ୍ରୀ' ଦଳର ସଦସ୍ୟ ଭାବରେ ଦ୍ୱିତୀୟ ଥର ପାଇଁ ଏଭେରେଷ୍ଟ ଶୃଙ୍ଗ ଆରୋହଣ କରି ପ୍ରତ୍ୟାବର୍ତ୍ତନ କରୁଥିବା ସମୟରେ ବାଲ୍‌କୋନୀ ଏରିୟାରେ ଅସୁସ୍ଥ ହୋଇ ମୃତ୍ୟୁବରଣ କରିଥିଲେ। ଦୁଃସାହସିକ ଅଭିଯାନରେ କଳ୍ପନା ଭାରତ ସମେତ ନେପାଳ, ଦକ୍ଷିଣ ଆମେରିକା, ଅଷ୍ଟ୍ରେଲିଆ ଓ ୟୁରୋପର ଅନେକ ପର୍ବତ ଶୃଙ୍ଗ ଆରୋହଣ କରିବାର ସୌଭାଗ୍ୟ ଅର୍ଜନ କରି ଦେଶର ସଫଳ ପର୍ବତାରୋହଣୀ ଭାବରେ ସମଗ୍ର ରାଜ୍ୟର କ୍ରୀଡ଼ାବିତ୍ ଓ ଯୁବକମାନଙ୍କ ନିମନ୍ତେ ଏକ ମଡେଲ୍ ପାଲଟିଥିଲେ। ତାଙ୍କର ବିୟୋଗରେ ସମଗ୍ର ରାଜ୍ୟ ମ୍ରିୟମାଣ। ଏଠାରେ ଉଲ୍ଲେଖଯୋଗ୍ୟ ଯେ କଳ୍ପନା ଦାସ(ଜନ୍ମ-୧୯୬୬) ୨୦୦୮ ମଇ ୨୧ ତାରିଖ ଦିନ ଆ ମେରିକା, କାନାଡ଼ା ଓ ନେପାଳର ପର୍ବତାରୋହୀଙ୍କ ଦଳରେ ସାମିଲ ହୋଇ ବିଶ୍ୱର ଉଚ୍ଚତମ ପର୍ବତ ଶୃଙ୍ଗ ଆ ରୋହଣ କରିବାରେ ସଫଳ ହୋଇଥିଲେ। ସେ ଜଣେ ଆ ଇନଜୀବୀ ହୋଇଥିଲେ ମଧ ଦୁଃସାହସିକ କ୍ରୀଡ଼ାରେ ଆଜୀବନ ରୁଚି ରଖିଥିଲେ। ରାଜ୍ୟର ସମକାଳୀନ ଦୁଃସାହସିକ କ୍ରୀଡ଼ା ଇତିହାସରେ କଳ୍ପନା କିମ୍ବଦନ୍ତୀ ଭାବରେ ସ୍ମରଣୀୟ ରହିବେ ପ୍ରମୁଖ ଶାସନ ସଚିବ ଶ୍ରୀ ପାଣିଗ୍ରାହୀ ଉଲ୍ଲେଖ କରିଛନ୍ତି।

# ଜୋର୍‌ସୋର୍‌ରେ ଚାଲିଛି ବାତ୍ୟା ଅଞ୍ଚଳର ପୁନରୁଦ୍ଧାର ପ୍ରକ୍ରିୟା

**ଭୁବନେଶ୍ୱର :** ବାତ୍ୟା ଫାନିକୁ ୨୦ ଦିନ ବିତି ଯାଇଥିଲେ ମଧ ପୁରୀ ସମେତ ଅନ୍ୟ କ୍ଷତିଗ୍ରସ୍ତ ଜିଲ୍ଲାଗୁଡ଼ିକରେ ଏବେବି ଅବ୍ୟବ୍ୟସ୍ଥା ଜାରି ରହିଛି। ତେବେ ବାତ୍ୟା ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସରକାରଙ୍କ ବିଭିନ୍ନ ବିଭାଗ ଏବଂ ଜନସାଧାରଣଙ୍କ ସହଯୋଗରେ ସ୍ୱାଭାବିକ ସ୍ଥିତିକୁ ଫେରାଇ ଆଣିବାକୁ ଚେଷ୍ଟା କରାଯାଉଛି। ବୁଧବାର ଏନେଇ ସୂଚନା ଲୋକସମ୍ପର୍କ ବିଭାଗ ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ବିଭାଗର ସୂଚନା ଅନୁଯାୟୀ, ସବୁଠାରୁ ଅଧିକ ପ୍ରଭାବିତ ପୁରୀ ଜିଲ୍ଲାରେ ବିଦ୍ୟୁତ୍ ସେବା ଯୋଗାଣ ତ୍ୱରାନ୍ୱିତ କରାଯାଉଛି। ପୁରୀ ଜିଲ୍ଲାରେ ଏଯାବତ୍ ପ୍ରାୟ ୫୦ ହଜାର ୮୪୮ ଜଣ ଉପଭୋକ୍ତାମାନଙ୍କୁ ବିଦ୍ୟୁତ ଯୋଗାଇ ଦିଆଯାଇଛି। ଜିଲ୍ଲାବ୍ୟାପୀ ବିଦ୍ୟୁତ ପୁନଃଯୋଗଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି ଏବଂ ଖୁବ୍‌ଶୀଘ୍ର ସମସ୍ତଙ୍କୁ ବିଦ୍ୟୁତ୍ ଯୋଗାଇ ଦିଆଯିବ ବୋଲି ପ୍ରଶାସନ ଆଶ୍ୱାସନା ପ୍ରଦାନ କରିଛି। ପୁରୀ ଜିଲ୍ଲାରେ ୯୫.୬୧ ପ୍ରତିଶତ, ଖୋର୍ଦ୍ଧା ଜିଲ୍ଲାରେ ୯୯ ପ୍ରତିଶତ, କଟକ ଜିଲ୍ଲାରେ ୯୭.୯ ପ୍ରତିଶତ ଭୁବନେଶ୍ୱର ମହାନଗର ନିଗମ ଅଞ୍ଚଳରେ ୮୭.୪ ପ୍ରତିଶତ ପରିବାରଙ୍କୁ ରିଲିଫ ଆକାରରେ ନଗଦ ଅର୍ଥ ଦିଆଯାଇଥିବା ସଚିବ ସୂଚନା ଦେଇଛନ୍ତି। ସେହିପରି ପୁରୀ ଜିଲ୍ଲାରେ ୯୬.୭, କଟକ ଜିଲ୍ଲାରେ ୯୮.୬, ଖୋର୍ଦ୍ଧା ଜିଲ୍ଲାରେ ୯୮.୯ ବିଏମ୍‌ସି ଅଞ୍ଚଳରେ ୮୧.୯ ପ୍ରତିଶତ ହିତାଧିକାରୀଙ୍କୁ ଚାଉଳ ଯୋଗାଇ ଦିଆଯାଇଥିବା ବିଭାଗ ସୂତ୍ରରୁ ଜଣାପଡ଼ିଛି। ତେବେ ବାତ୍ୟା ପରେ ମହାମାରୀ ସଂକ୍ରମଣ ଆଶଙ୍କା ଥିବା ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଅତ୍ୟଧିକ ପ୍ରଭାବିତ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗ ତତ୍ପରତାର ସେବା ଓ ସଚେତନତା ପରିଚାଳନା କରୁଛି। ପୁରୀ ଓ ଖୋର୍ଦ୍ଧାର ପ୍ରଭାବିତ ପଞ୍ଚାୟତଗୁଡ଼ିକରେ ସ୍ୱାସ୍ଥ୍ୟସେବା ପାଇଁ ୨୦ ଜଣ ଡାକ୍ତର ଓ ୨୦୦ ଜଣ ବହୁମୁଖୀ ସ୍ୱାସ୍ଥ କର୍ମୀ କାର୍ଯ୍ୟ କରୁଛନ୍ତି। ୧,୬୨,୫୨୬ରୁ ଉର୍ଦ୍ଧ୍ୱ ଖୋଲା ଜଳଉତ୍ସ ବିଶୋଧନ କରାଯାଇଛି। ୨୮ଲକ୍ଷ ୫୫ହଜାର ଓଆରଓସ୍ ପ୍ୟାକେଟ ବଣ୍ଟନ କରାଯାଇଛି। ସେହିପରି ବ୍ୟାଙ୍କିଙ୍ଗ୍, ଏଟିଏମ୍ ସହ ଅନ୍ୟାନ୍ୟ ଦରକାରୀ ବ୍ୟବସ୍ଥା ପୂର୍ବାପେକ୍ଷା ବହୁ ଭଲ ଭାବେ କାର୍ଯ୍ୟ କରୁଥିବା ବେଳେ ଖୁବ୍‌ଶୀଘ୍ର ପ୍ରଭାବିତ ଅଞ୍ଚଳରେ ପୂର୍ବସ୍ଥିତି ଫେରିଆସିବ ବୋଲି ପ୍ରଶାସନ କହିଛି।

# ବିନିକାରେ ଉଦ୍ୟାନ କୃଷି ଦିଗହରା

**ସୋନପୁର:** ଚଳିତ ବର୍ଷ ମଧ ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳରେ ଉଦ୍ୟାନ କୃଷି ବିଭାଗ କାର୍ଯ୍ୟାଳୟ ଏ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନଥିବାରୁ ଆଗ୍ରହୀ ଉଦ୍ୟାନ ଚାଷୀ ଏ ବର୍ଷ ଉଦ୍ୟାନ କୃଷିରୁ ବଞ୍ଚିତ ହେବା ନେଇ ଆଶଙ୍କା ପ୍ରକାଶ ପାଉଛି। କାରଣ ଦୀର୍ଘ ବର୍ଷ ହେଲା ବିନିକାରେ ଥିବା ପୁରୁଣା ଉଦ୍ୟାନ କୃଷି କାର୍ଯ୍ୟାଳୟ ଅନ୍ୟତ୍ର ସ୍ଥାନାନ୍ତରିତ ହେବା ଦିନରୁ ଅଞ୍ଚଳର ହଜାର ହଜାର ଚାଷୀ ଏଥିରୁ ବଞ୍ଚିତ ହୋଇଛନ୍ତି। ପାପକ୍ଷୟ ଘାଟ ରାସ୍ତାରେ ନୂତନ କାର୍ଯ୍ୟାଳୟ ଖୋଲିବା ପାଇଁ ବିଲ୍‌ଡିଂ ନିର୍ମାଣ ସରିଯାଇଥିଲେ ମଧ ବିଭାଗୀୟ ଅବହେଳା ଯୋଗୁଁ ଏ ବର୍ଷ ମଧ ଏହା ସ୍ୱାଭାବିକ ହେବା ଜଣାପଡୁନାହିଁ। ବର୍ଷ ପରେ ବର୍ଷ ବିତି ଯାଉଛି କିନ୍ତୁ ବିନିକା ଅଞ୍ଚଳର ଆଗ୍ରହୀ ଉଦ୍ୟାନ କୃଷି ଚାଷୀ ସରକାରୀ ସୁବିଧା ସୁଯୋଗ ପାଇବାରୁ ଏ ଦିଗରେ ବଞ୍ଚିତ ହୋଇ ରହିଛନ୍ତି। ଏପରିସ୍ଥିତିରେ ବିନିକା ଅଞ୍ଚଳରେ ଉଦ୍ୟାନ କୃଷି କ୍ଷେତ୍ରରେ ଅବହେଳିତ ହୋଇପଡିଥିବା ବେଳେ ଚାଷୀ ଉପେକ୍ଷିତ ହୋଇ ରହିଛନ୍ତି। ଫଳରେ ସମଗ୍ର ଅଞ୍ଚଳରେ ଉଦ୍ୟାନ କୃଷିର ଅଗ୍ରଗତି ହୋଇପାରୁ ନଥିବା ବେଳେ ଦିନକୁ ଦିନ ଉଦ୍ୟାନ କୃଷି କାର୍ଯ୍ୟାଳୟ ବିନିକାରେ ଏହା କାର୍ଯ୍ୟ କରୁଛି ଏବଂ ଅଛି କି ନାହିଁ ତାହା ସମୂହ ଚାଷୀ ଜାଣିରୁନାହିଁ। ବର୍ଷ ବର୍ଷ ବିତି ଯାଉଥିବାରୁ ଆଗ୍ରହୀ ଉଦ୍ୟାନ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୂର ଦୃଷ୍ଟି ଓ ଆନ୍ତରିକାର ଅଭାବ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି ଅଞ୍ଚଳର ଚାଷୀ ମହଲରେ ତୀବ୍ର ସମାଲୋଚନା କରାଯାଉଛି। ସବୁ ଜାଣି ମଧ ସମ୍ପୃକ୍ତ ବିଭାଗ ନିରବଦ୍ରଷ୍ଟା ସାଜି ଥିବାରୁ ବିନିକା ଅଞ୍ଚଳରେ କିଛି ବର୍ଷ ହେଲା ଉଦ୍ୟାନ କୃଷି ଦିଗହରା ଅବସ୍ଥା ହୋଇଗଲାଣି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃକ୍ଷ ଦୃଷ୍ଟି ଦେଇ ଯଥାଶିଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ବିଜେଡ଼ି ଠାରୁ ୬ ଆସନ ଛଡ଼ାଇ ନେଲା ବିଜେପି

**ବାରିପଦା:** ୨୦୧୯ ସାଧାରଣ ନିର୍ବାଚନରେ ଓଡ଼ିଶାରେ ପୁଣି ଥରେ ନବୀନ ସୁନାମୀ ଦେଖା ଦେଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ କିନ୍ତୁ ବିଜେପି ଲହରୀ ଉଠିଛି। ଫଳରେ ୨୦୧୪ରେ ବିଜେଡ଼ି ଦଖଲରେ ରହିଥିବା ମୟୂରଭଞ୍ଜ ଲୋକସଭା ଆସନ ସହ ୯ଟି ବିଧାନସଭା ଆସନ ମଧ୍ୟରୁ ୬ଟି ଆସନକୁ ବିଜେଡ଼ି ହାତରୁ ଛଡ଼ାଇ ନେବାରେ ସଫଳ ହୋଇଛି ବିଜେପି। ଗତ ଏପ୍ରିଲ ୨୯ ତାରିଖରେ ଅନୁଷ୍ଠିତ ହୋଇଥିବା ମୟୂରଭଞ୍ଜ ଜିଲ୍ଲାର ୯ ବିଧାନସଭା ଓ ଲୋକସଭା ଆସନର ନିର୍ବାଚନର ଫଳାଫଳ ଗତକାଲି ଘୋଷଣା ହୋଇଛି। ଜିଲ୍ଲାର କରଞ୍ଜିଆ, ରାଇରଙ୍ଗପୁର, ଉଦଳା ଓ ବାରିପଦାରେ ହୋଇଥିବା ମତଗଣନାର ଫଳାଫଳ ଅନୁସାରେ ଜିଲ୍ଲାର ସଦର ମହକୁମା ୩୩ନଂ ବାରିପଦା(ସଂ) ଆସନକୁ ଚଳିତ ଥର ବିଜେଡ଼ି ହାତରୁ ବିଜେପି ଛଡ଼ାଇ ନେଇଛି। ବିଜେପି ପ୍ରାର୍ଥୀ ପ୍ରକାଶ ସୋରେନ ୧୮,୯୪୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜେଡ଼ି ପ୍ରାର୍ଥୀ ତଥା ରାଜ୍ୟସଭା ସାଂସଦ ସରୋଜିନୀ ହେମ୍ବ୍ରମଙ୍କୁ ପରାସ୍ତ କରିଛନ୍ତି। ନିର୍ବାଚନରେ ବିଜେପି ପ୍ରାର୍ଥୀ ଶ୍ରୀ ସୋରେନଙ୍କୁ ୭୧,୪୩୮ ଖଣ୍ଡ ଭୋଟ୍ ମିଳିଥିବା ବେଳେ ବିଜେଡ଼ି ପ୍ରାର୍ଥୀ ପୂର୍ବତନ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ ୫୨,୫୯୫ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିଲେ। ସେହିପରି ଜିଲ୍ଲାର ଏକମାତ୍ର ଅଣସଂରକ୍ଷିତ ଆସନ ମୋରଡ଼ା ନିର୍ବାଚନ ମଣ୍ଡଳୀକୁ ବିଜେଡ଼ି ନିଜ ଦଖଲରେ ରଖି ହେଟ୍ରିକ କରିଛି। ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ ରାଜ କିଶୋର ଦାସ ୬,୯୪୬ ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ତଥା ବିଜେପିର ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ପରାସ୍ତ କରି ନିର୍ବାଚିତ ହୋଇଛନ୍ତି। ବିଜେଡ଼ି ପ୍ରାର୍ଥୀ ଶ୍ରୀ ଦାସ ୬୮,୩୬୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ଶ୍ରୀ ମହାପାତ୍ର ୬୧,୪୧୯ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସେହିପରି ବଡ଼ସାହି ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ସନାତନ ବିଜୁଳି ବିଜୟୀ ହୋଇଛନ୍ତି। ବିଜେପି ପ୍ରାର୍ଥୀ ସନାତନ ବିଜୁଳି ୬୮,୬୪୮ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେଡ଼ି ପ୍ରାର୍ଥୀ ବୃନ୍ଦାବନ ଦାସ ୫୭,୮୪୫ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ୨୦୧୪ରେ ଏହି ଆସନ ବିଜେଡ଼ି ଦଖଲରେ ରହିଥିଲା। ତେବେ କରଞ୍ଜିଆ ନିର୍ବାଚନ ମଣ୍ଡଳୀକୁ ବିଜେଡ଼ି ନିଜ ଦଖଲରେ ରଖିବାରେ ସଫଳ ହୋଇଛି। ବିଜେଡ଼ି ପ୍ରାର୍ଥୀ ବାସନ୍ତୀ ହେମ୍ବ୍ରମ ୫୯,୬୯୫ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ପଦ୍ମ ଚରଣ ହାଇବ୍ରୁରୁ ୫୦,୭୪୧ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ଅନୁରୂପ ଭାବେ ଯଶୀପୁର ଆସନକୁ ବିଜେପି ବିଜେଡ଼ି ହାତରୁ ଛଡ଼ାଇ ନେଇଛି। ବିଜେପି ପ୍ରାର୍ଥୀ ଗଣେଶ ରାମ ସିଂ ଖୁଂଟିଆ ୪୫,୩୮୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡ଼ି ପ୍ରାର୍ଥୀ ଗୋଲକ ନାଏକ ୪୦, ୦୬୭ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସାରସକଣା ନିର୍ବାଚନ ମଣ୍ଡଳୀରେ ବିଜେପି ପ୍ରାର୍ଥୀ ଡ଼ା. ବୁ ଡ଼ାନ ମୁର୍ମୁ ୫୨,୮୮୧ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ବିଜେଡ଼ି ପ୍ରାର୍ଥୀ ଅମରେନ୍ଦ୍ର ସିଂ ଟୁଡୁ ୪୩,୩୧୩ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ୨୦୧୪ ନିର୍ବାଚନରେ ଏହି ଆସନ ବିଜେଡ଼ି ଦଖଲରେ ରହିଥିଲା। ରାଇରଙ୍ଗପୁର ଆସନକୁ ବିଜେପି ବିଜେଡ଼ି ହାତରୁ ଛଡ଼ାଇ ନେବାରେ ସଫଳ ହୋଇଛି। ବିଜେପି ପ୍ରାର୍ଥୀ ନବ ଚରଣ ମାଝି ୬୦,୯୦୧ ଖଣ୍ଡ ଭୋଟ ପାଇ ଏଠାରୁ ବିଜୟୀ ହୋଇଥିବା ସମୟରେ ବିଜେଡ଼ି ପ୍ରାର୍ଥୀ ବାସନ୍ତୀ ମାର୍ଣ୍ଡି ୫୮,୦୫୪ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ଉଦଳା ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ନିଜର ଦୁର୍ଗକୁ ରକ୍ଷା କରିବାରେ ବିଫଳ ହୋଇଛି। ଏଠାରେ ବିଜେଡ଼ି ପ୍ରାର୍ଥୀ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ ୬୭,୩୭୭ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ପୂର୍ବତନ ବିଧାୟକ ଭାସ୍କର ମଢ଼େଇ ୬୮,୧୬୦ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ଭୋଟ ଗଣନା ସମୟରୁ ଉକ୍ତ ନିର୍ବାଚନ ମଣ୍ଡଳୀରେ ବିଜେପି ଓ ବିଜେଡ଼ି ପ୍ରାର୍ଥୀଙ୍କ ମଧ୍ୟରେ ସାପ ସିଡ଼ିର ଖେଳ ଚାଲି ଆସିଥିବାର ଦେଖିବାକୁ ମିଳିଥିଲା। ବାଙ୍ଗିରିପୋଷି ନିର୍ବାଚନ ମଣ୍ଡଳୀକୁ ବିଜେଡ଼ି ବିଧାୟକ ସୁଦାମ ମାର୍ଣ୍ଡି କୌଣସି ପ୍ରକାରରେ ଦଖଲରେ ରଖିବାରେ ସଫଳ ହୋଇଛନ୍ତି। ଏଠାରେ କାକା ପୁତୁରା ମଧ୍ୟରେ ଲଢ଼େଇ ହୋଇଥିଲା। କାକା ବିଜେଡ଼ି ପ୍ରାର୍ଥୀ ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ମାର୍ଣ୍ଡି ୭୧,୩୦୩ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଥିବା ବେଳେ ପୁତୁରା ବିଜେପି ପ୍ରାର୍ଥୀ ସୁଗଦା ମୁର୍ମୁ ୫୯,୪୧୨ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଛନ୍ତି। ସେହିପରି ମୟୂରଭଞ୍ଜ ଲୋକସଭା ଆସନକୁ ମଧ ବିଜେପି ବିଜେଡ଼ି ନିକଟରୁ ଛଡ଼ାଇ ନେବାରେ ସଫଳ ହୋଇଛି। ଏଠାରେ ଡ଼ାକ୍ତର ଓ ଇଞ୍ଜିନିୟରଙ୍କ ମଧ୍ୟରେ ଲଢ଼େଇ ହୋଇଥିଲା। ବିଜେଡ଼ି ପ୍ରାର୍ଥୀ ଡ଼ା. ଦେବାଶିଷ ମାର୍ଣ୍ଡି ୪,୩୮,୧୭୪ ଖଣ୍ଡ ଭୋଟ ପାଇ ପରାସ୍ତ ହୋଇଥିବା ବେଳେ ବିଜେପି ପ୍ରାର୍ଥୀ ଇଞ୍ଜିନିୟର ବିଶ୍ୱେଶ୍ୱର ଟୁଡୁ ୪,୫୬,୨୨୮ ଖଣ୍ଡ ଭୋଟ ପାଇ ବିଜୟୀ ହୋଇଛନ୍ତି। ୨୦୧୯ ନିର୍ବାଚନରେ ମୟୂରଭଞ୍ଜ ଜିଲ୍ଲାରେ ବିଜେଡ଼ି ବିରୋଧୀ ଏକ ହାୱା ଦେଖିବାକୁ ମିଳିଥିଲା। ତେବେ ଏହି ହାୱା ବିଜେଡ଼ିର ପର୍ଯ୍ୟବେକ୍ଷକଙ୍କୁ ନେଇ ସୃଷ୍ଟି ହୋଇଥିବାର କୁହାଯାଉଛି ଏବଂ ବିଜେଡ଼ି ଦୁର୍ଗର ଏହି ପତନ ନିମନ୍ତେ ସମ୍ପୂର୍ଣ୍ଣ ଭାବେ ସେ ହିଁ ଉତରଦାୟୀ ବୋଲି ଚର୍ଚ୍ଚା ଆରମ୍ଭ ହୋଇଯାଇଛି।

# ଖୋରଧାରେ ଡ଼େଙ୍ଗୁ ନିରାକରଣ ପାଇଁ ପ୍ରସ୍ତୁତି

**ଖୋରଧା:** ଏଡ଼ିସି ମଶା ଦ୍ୱାରା ଡ଼େଙ୍ଗୁ ରୋଗ ହେଉଥିବା ଦୃଷ୍ଟିରୁ ଏଡ଼ିସ୍ ମଶାର ବଂଶ ବିସ୍ତାରକୁ ହ୍ରାସ କରିବା ପାଇଁ ଉଭୟ ସରକାରୀ ଓ ବେସରକାରୀସ୍ତରରେ ବ୍ୟାପକ ଓ ନିଷ୍ଠାପର ଉଦ୍ୟମ ହେବା ଆବଶ୍ୟକ ବୋଲି ଖୋର୍ଦ୍ଧା ଜିଲ୍ଲାପାଳ ଭୂପିନ୍ଦର ସିଂ ପୁନିଆ କହିଛନ୍ତି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜାତୀୟ ଡ଼େଙ୍ଗୁ ଦିବସ ପରିପ୍ରେକ୍ଷୀରେ ଡ଼େଙ୍ଗୁ ନିରାକରଣ ନିମନ୍ତେ ଆୟୋଜିତ ସର୍ବ ବିଭାଗୀୟ ବୈଠକରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ କହିଥିଲେ ଯେ, ଡ଼େଙ୍ଗୁ ନିରାକରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସମେତ ଅନ୍ୟାନ୍ୟ ବିଭାଗରର ମଧ ଗୁରୁ ଦାୟିତ୍ୱ ରହିଥିବାରୁ ବିଭାଗ ଗୁଡ଼ିକ ମଧ୍ୟରେ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବା ଆବଶ୍ୟକ। ଏହି କାର୍ଯ୍ୟ ଖସଡ଼ା ପ୍ରସ୍ତୁତ କରାଯାଇ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ କାର୍ଯ୍ୟ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଡ଼ିସ ମଶା ବିସ୍ତାର କରୁଥିବା ସ୍ଥାନ ଗୁଡ଼ିକ ଚିହ୍ନଟ କରି ତାର ପ୍ରତିକାର ସହିତ ଜନସାଧାରଣଙ୍କ ମଧ୍ୟରେ ଏ ଦିଗରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ସହରାଞ୍ଚଳରେ ଡ଼େଙ୍ଗୁର ପାଦୁର୍ଭାବ ଅଧିକ ଥିବାରୁ ଘର ଘର ବୁଲି ଡ଼େଙ୍ଗୁ ନିରାକରଣ କାର୍ଯ୍ୟ କରିବାକୁ ଜିଲ୍ଲାପାଳ କହିଥିଲେ। ପ୍ଲାଷ୍ଟିକ୍ ମୁଣି, ଟିଣ ଲୁହାପାତ୍ର, ଫ୍ରିଜ ଟ୍ରେ, ରୁମ୍ କୁଲର, ଖୋଲା ପାଣି ଟାଙ୍କି, କଟା ବାଉଁଶ ଗଛ, ଗଛର ଖୋଲରେ ପାଣି ଜମିଲେ ଏଡ଼ିସ ମଶା ବଂଶ ବିସ୍ତାର କରିବାର ସୁଯୋଗ ଥିବାରୁ ଏହି ସବୁ ଜିନିଷର ପାଣି ଜମିବାକୁ ନ ଦେବା ଓ ନିୟମିତ ପାଣି ବଦଳାଇବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ାକ୍ତର ବିଜୟ କୁମାର ମହାପାତ୍ର କହିଥିଲେ। ଏଡ଼ିସ ମଶା ଅଣ୍ଡା ଓ ଅଣ୍ଡା ଦେବା ସ୍ଥାନଗୁଡ଼ିକରେ ରହିଥାଏ ଏବଂ ଏହା ଦିନ ବେଳେ ମଣିଷକୁ କାମୁଡ଼ିଥାଏ। ଡ଼େଙ୍ଗୁ ରୋଗର ଚିକିତ୍ସା ସମସ୍ତ ସରକାରୀ ଡ଼ାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ବୋଲି ଡ଼ାକ୍ତର ମହାପାତ୍ର ପ୍ରକାଶ କରିବା ସହିତ ରାଜ୍ୟରେ ଏଲିସା ପଦ୍ଧତି ଦ୍ୱାରା ଡ଼େଙ୍ଗୁ ରୋଗ ଚିହ୍ନଟ ପାଇଁ ୩୮ଟି ସେଣ୍ଟିନେଲ ସାଇଟ୍ ପରୀକ୍ଷା ଗାର କାର୍ଯ୍ୟ କରୁଛି ବୋଲି ସେ ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ପ୍ରଦ୍ୟୁମ୍ନ କୁମାର ମିଶ୍ର ଜିଲ୍ଲାରେ ଡ଼େଙ୍ଗୁ ନିରାକରଣ ନିମନ୍ତେ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

# ରହସ୍ୟମୟ ଯାଗଂତି ଉମାମହେଶ୍ୱର ମନ୍ଦିର



ଉପସ୍ଥାପନା : ଜାହ୍ନବୀସୁତ

ଆନ୍ଧ୍ରପ୍ରଦେଶରେ ରହିଛି ଯାଗଂତି ଉମାମହେଶ୍ୱର ଶିବମନ୍ଦିର। ଏହା ଅତି ରହସ୍ୟମୟ। ସତେ ଯେମିତି ମଣିଷ ବର୍ଷ ବର୍ଷ ଧରି ଈଶ୍ୱରୀୟ ସତ୍ତା ଉପରୁ ଆସ୍ଥା ହଟାଇବାର ନାଁ ମଧ୍ୟ ଧରୁନି। ଯେଉଁଠି ଈଶ୍ୱର, ସେହିଠାରେ ହିଁ ଲୁଚି ରହିଥାଏ ରହସ୍ୟ। ଈଶ୍ୱରଙ୍କ ଲୀଳାକୁ ଭକ୍ତ ଓ ଶ୍ରଦ୍ଧାଳୁ ଯୁଗ ଯୁଗ ଧରି ମାନି ନେଇଛନ୍ତି। ଆଉ ବିଜ୍ଞାନ ଓ ବିଶ୍ୱାସର ମାନସିକ ସଂଗ୍ରାମର ଯେମିତି ଅନ୍ତ ନାହିଁ, ସେହିଭଳି ରହସ୍ୟମୟ ଲୋକବିଶ୍ୱାସର ମଧ୍ୟ ଅନ୍ତ ନାହିଁ। ସେମିତି ବିଶ୍ୱାସ ସହ କୁରନୁଲଠାରେ ରହିଛି ଏହି ମନ୍ଦିର। କୁରନୁଲଠାରୁ ପ୍ରାୟ ୧୦୦ କିଲୋମିଟର ଗଲା ପରେ ବନାଗନପାଲେ ମଣ୍ଡଳଠାରୁ ପଶ୍ଚିମ ଦିଗକୁ ୧୪ କିଲୋମିଟର ଯିବା ପରେ ଏହି ମନ୍ଦିର ପଡ଼ିଥାଏ। ଏହି ମନ୍ଦିରର ଆକାର ପରିବର୍ତ୍ତନ କରୁଥିବା ଶିବଲିଙ୍ଗ ବିଷୟରେ ଜାଣିଥିଲେ କିନ୍ତୁ କୁରନୁଲର ଯାଗଂତି ଉମାମହେଶ୍ୱର ଶିବମନ୍ଦିର ରହସ୍ୟ ହେଉଛି ଭିନ୍ନ। ଏଠାରେ ଥିବା ଏହି ଶିବ ମନ୍ଦିରରେ ଶିବଲିଙ୍ଗ ନୁହେଁ, ବରଂ ଏଠାରେ ଥିବା ଦେବଦେବ ମହାଦେବଙ୍କ ବାହନ ନନ୍ଦୀଙ୍କ ଆକାର ପରିବର୍ତ୍ତନ ହେଉଛି। ଏହି ଘଟଣା କେତେ ରହସ୍ୟମୟ, ତାହା ଭାବନ୍ତୁ। ଆପଣ ଏହି ମନ୍ଦିରକୁ ଗଲେ ଦେଖିବାକୁ ପାଇବେ ଏକ ବିଶାଳ ଆକୃତିର ନନ୍ଦୀ ମୂର୍ତ୍ତି। ଆଉ ଭକ୍ତମାନଙ୍କର ବିଶ୍ୱାସରେ ଏହି ମୂର୍ତ୍ତିର ଆକାର ପରିବର୍ତ୍ତନ ହେଉଛି। ବର୍ଷ ବର୍ଷ ଧରି ନନ୍ଦୀ ମୂର୍ତ୍ତିର ଆକାରରେ ପରିବର୍ତ୍ତନ ଘଟି ଆଜି ଏହି ଅବସ୍ଥାରେ ପହଞ୍ଚିଛି। ବିଶ୍ୱାସ ଅନୁସାରେ ଏହି ମନ୍ଦିର ବିଜୟନଗରମ୍ ରାଜ୍ୟର ରାଜା ହରିହର ବୁକ୍କାରାୟ ନିର୍ମାଣ କରିଥିଲେ। ଆଉ ଏହି ମନ୍ଦିର ପଞ୍ଚଦଶ ଶତାବ୍ଦୀରେ ନିର୍ମିତ ହୋଇଥିଲା। ତେବେ ଏସବୁ ଭିତରେ ମହାଦେବଙ୍କ ବାହନ ନନ୍ଦୀ ହିଁ ସବୁଠାରୁ ରହସ୍ୟମୟ। ନନ୍ଦୀଙ୍କର ଆକାର ପରିବର୍ତ୍ତନ ହିଁ ଏହାର ମୂଳ ରହସ୍ୟ। ଏପରିକି ଏହି ନନ୍ଦୀ ମୂର୍ତ୍ତିଙ୍କର ଆକାର ପରିବର୍ତ୍ତନ ଯୋଗୁଁ ମନ୍ଦିର କର୍ତ୍ତୃପକ୍ଷ ଏହି ସ୍ଥାନରୁ ଏକ ସ୍ତମ୍ଭକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ କିଛି ବିଶେଷଜ୍ଞମାନେ ଏଠାରେ ଥିବା ନନ୍ଦୀ ମୂର୍ତ୍ତିଙ୍କ ନିର୍ମାଣରେ ଲାଗିଥିବା ପଥର ଏପରି ଆକାର ପରିବର୍ତ୍ତନ କରିବା ପଛର କାରଣ ବୋଲି କହିଥାନ୍ତି।

ଏହି ମନ୍ଦିରକୁ ନେଇ ଏକ କିମ୍ବଦନ୍ତୀ ରହିଛି। ଋଷି ଅଗସ୍ତ୍ୟ ଏହି ସ୍ଥାନରେ ଏକ ଭେଙ୍କଟେଶ୍ୱର ମନ୍ଦିର ନିର୍ମାଣ କରିବା ପାଇଁ ଯୋଜନା କରିଥିଲେ। ହେଲେ ଏଠାରେ ଭେଙ୍କଟେଶ୍ୱରଙ୍କ ବିଗ୍ରହ ପ୍ରତିଷ୍ଠା ହେବା ପୂର୍ବରୁ ଭାଙ୍ଗିଯାଇଥିଲା। ଏଥିରେ ଋଷି ଅଗସ୍ତ୍ୟ ଖୁବ୍ ମର୍ମାହତ ହୋଇଥିଲେ। ଆଉ ଦେବଦେବ ମହାଦବଙ୍କୁ ତପସ୍ୟା କରିଥିଲେ। ମହାଦେବ ତାଙ୍କ ତପସ୍ୟାରେ ଖୁସିହୋଇ ଏହି ସ୍ଥାନରେ ଉଭା ହୋଇଥିଲେ ଓ ଋଷି ଅଗସ୍ତ୍ୟଙ୍କୁ ଏହି ସ୍ଥାନ ଶିବ ଉପାସନା ପାଇଁ ଉଦ୍ଦିଷ୍ଟ ବୋଲି କହିଥିଲେ। ତେଣୁ ଋଷି ଅଗସ୍ତ୍ୟ ଏଠାରେ ଶିବ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ଯୋଜନା କଲେ ଏବଂ ଭଗବାନ ଶିବଙ୍କୁ ଏଠାରେ ମାତା ପାର୍ବତୀଙ୍କ ଏକ ମୂର୍ତ୍ତି ପ୍ରତିଷ୍ଠା ପାଇଁ ଅନୁରୋଧ କରିଥିଲେ। ଆଉ ସେହିଦିନଠାରୁ ଏହି ମନ୍ଦିରରେ ଭଗବାନ ଶିବ ହିଁ ଉମାମହେଶ୍ୱର ଭାବରେ ଉପାସିତ ହୋଇ ଆସୁଛନ୍ତି। ତେଣୁ ଏଠାରେ ଶିବ ଉପାସନା ଅନେକ ଯୁଗରୁ ଚାଲିଥିବା କଥା ବିଶ୍ୱାସ କରାଯାଏ। ଏହି ସ୍ଥାନରେ ଆଉ ଏକ ରହସ୍ୟ ମଧ୍ୟ ରହିଛି। କୁହାଯାଏ ଯେ ଏହି ସ୍ଥାନରେ କାଉମାନଙ୍କୁ ଦେଖିବାକୁ ମିଳେନି। କାଉକୁ ଏହି ମନ୍ଦିରରେ ପ୍ରବେଶ ଅଧିକାର ନାହିଁ। ଏହା ପଛରେ ବି ରହିଛି କିମ୍ବଦନ୍ତୀ। କୁହାଯାଏ ଯେ ଋଷି ଅଗସ୍ତ୍ୟ ଏହି ସ୍ଥାନରେ ଭଗବାନ ଶିବଙ୍କୁ ତପସ୍ୟା କରୁଥିବା ସମୟରେ କାଉମାନେ ରାବିବା ଦ୍ୱାରା ତାଙ୍କର ତପସ୍ୟାରେ ବିଘ୍ନ ହୋଇଥିଲା। ଆଉ ସେ କାଉମାନଙ୍କୁ ଏହି ସ୍ଥାନରୁ ସବୁଦିନ ପାଇଁ ଦୂରେଇ ରହିବାର ଅଭିଶାପ ଦେଇଥିଲେ। ଆଉ ସେହଦିନଠାରୁ କାଉମାନେ ଏହି ମନ୍ଦିରଠାରୁ ଦୂରେ ରହୁଛନ୍ତି। ସତରେ କେତେକ ରହସ୍ୟମୟ ଏସବୁ କାହାଣୀ!!

କେବଳ ସେତିକି ନୁହେଁ, ଭକ୍ତଙ୍କ ବିଶ୍ୱାସ ରହିଛି ଯେ ଯଦି ଆପଣଙ୍କର କିଛି ମନସ୍କାମନା ଥାଏ, ତା'ହେଲେ ଆପଣ ଏହି ବଢୁଥିବା ଏହି ନନ୍ଦୀଙ୍କର କାନରେ ଯଦି ତାହା କହିଥାନ୍ତି, ତେବେ ତାହା ନିଶ୍ଚୟ ପୂରଣ ହୋଇଥାଏ। କେମିତି ଏହା ସମ୍ଭବ? ନନ୍ଦୀ କ'ଣ ଭକ୍ତମାନଙ୍କର ମନସ୍କାମନା ନିଜ ପ୍ରଭୁ ଦେବଦେବ ମହାଦେବଙ୍କ ନିକଟରେ ଜଣାଇ ତାହା ପୂରଣ କରିଥାନ୍ତି। କାରଣ ବିଶ୍ୱାସ ଅନୁସାରେ ଏଠାରେ ନନ୍ଦୀ ଏବେ ଜାଗ୍ରତ ଅବସ୍ଥାରେ ରହିଛନ୍ତି। ଆଉ କଳିଯୁଗ ଶେଷରେ ଏହିଠାରେ ପୁଣି ଭଗବାନ ଶିବଙ୍କ ବାହନ ପୁରାଣବର୍ଣ୍ଣିତ ନନ୍ଦୀ ନିଜ ରୂପ ଧାରଣ କରିବେ। ଭାବନ୍ତୁ କେତେ ରହସ୍ୟମୟ ଏ ଲୋକବିଶ୍ୱାସ। ସତରେ କ'ଣ ନନ୍ଦୀ ଏହି ଜାଗାରେ କଳିଯୁଗ ଶେଷ ହେବାର ଘୋଷଣା କରିବେ! ଆଉ ଏ ନନ୍ଦୀଙ୍କର ମୂର୍ତ୍ତି ଜୀବନ୍ତ ହେବେ! ଏସବୁ ପ୍ରଶ୍ନ ମନଭିତରେ ଆସୁଥିଲେ ମଧ୍ୟ ଲୋକବିଶ୍ୱାସରେ କିନ୍ତୁ ଏହା ନିଜ ସ୍ଥାନ ଅକ୍ତିଆର କରି ରହିଛି। ଯାହା ଆଜି ନୁହେଁ, ବର୍ଷ ବର୍ଷ ଧରି ଏମିତି ରହିଆସିଛି।





# ଗ୍ରୀଷ୍ମ ଋତୁ ଏକରୁ ଅନେକ



ପ୍ରତେକ ଋତୁର ବିଶେଷତା ରହିଛି। ପୂର୍ବରୁ ଛଅ ଋତୁର ବର୍ଣ୍ଣନା ରହିଥିଲା। ମାତ୍ର ବିଶ୍ୱ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ ଭୂଷ୍ଣ ଉଷ୍ଣତର ହେବା ସହ ଗ୍ରୀଷ୍ମ ଋତୁର ସମୟ ବଢ଼ି ଚାଲିଛି। ମୁଖ୍ୟତ ଗ୍ରୀଷ୍ମ, ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭୂତ ହେଉଛି। ପ୍ରତ୍ୟେକ ଋତୁର ମହତ୍ତ୍ୱ ମଧ୍ୟ ଭିନ୍ନ ଭିନ୍ନ। ଗ୍ରୀଷ୍ମ ଲହରୀ କାହାପାଇଁ ଦାରୁଣ ପରିସ୍ଥିତି ସୃଷ୍ଟି କରୁଥିବା ସମୟରେ ତୃଷାର୍ତ୍ତଙ୍କୁ ଜଳଦାନ ଦେଇ କିଏ ପୁଣ୍ୟଲାଭର ପଥ ସୁଗମ କରୁଛି ତ ଆଉ କାହା ପାଇଁ ଜୀବନ ଜୀବିକାର ସାଧନ ସୃଷ୍ଟି କରୁଛି।

**ପେଟପାଟଣାର ସମୟ :** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଲୋକେ ଘରୁ ବାହାରୁ ନଥିବା ସମୟରେ ଆଇସକ୍ରିମ ବିକାଳି, ଆଖୁରସ ବିକ୍ରେତା, ଗୁଟୁବିକ୍ରେତା ଆଦି କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଏହା ବାସ୍ତବରେ ପେଟପାଟଣାର ସମୟ ବୋଲି କହନ୍ତି ସୋନପୁର ସଦର ନିବାସୀ ଶ୍ରୀ ସାହୁ। ସେ ପ୍ରତିଦିନ ନିଜ ଠେଲା ରେ ମିଶିନ ଲଗାଇ ଆଖୁ ରସ ସୋନପୁର ସଦର ର ବ୍ଲକ ଛକ ଓ ସହର ର ବିଭିନ୍ନ ଜାଗାରେ ବିକ୍ରି କରନ୍ତି। ଯେତିକି ଖରା ହେବ ବିକ୍ରୀ ମଧ୍ୟ ସେତିକି ଅଧିକ ହୋଇଥାଏ ବୋଲି ସେ କହିଥାନ୍ତି। ସେ କୁହନ୍ତି ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଏହାର ଭଲ ଚାହିଦା ଅଛି ଏବଂ ସେ ପ୍ରତିଦିନ ୬୦ରୁ ଶହେ ଲିଟର ପର୍ଯ୍ୟନ୍ତ ଆଖୁ ରସ ବିକ୍ରି ନିଜର ଗୁଜୁରାଣ ମେଣ୍ଟାଉଛନ୍ତି।

**ଥଣ୍ଡେ ଥଣ୍ଡେ କୁଲ କୁଲ :** ମଣିଷ ହୁଅନ୍ତୁ ବା ପଶୁ ସଭିଏଁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ପ୍ରୟାସ କରିଥାନ୍ତି। ଏଥି ସକାଶେ ବିଭିନ୍ନ ପଶୁ କ୍ଷୀଙ୍କ କ୍ଷେତ୍ରରେ ଜୈବିକ ବ୍ୟବସ୍ଥା ରହିଥାଏ। ମାତ୍ର ମଣିଷ ଖରାରୁ ରକ୍ଷା ପାଇବା ପାଇଁ ଏୟାର କଣ୍ଡିସନର ଏୟାର କୁଲର ଆଦି ବ୍ୟବହାର କରିବା ସାଙ୍ଗକୁ ଆଇସକ୍ରିମ ପରି ଥଣ୍ଡା ଜିନିଷ ଅଧିକ ପସନ୍ଦ କରିଥାଏ। ତେବେ ଏ କ୍ଷେତ୍ରରେ ମଣିଷର ପୂର୍ବପୁରୁଷ କୁହାଯାଉଥିବା ମାଙ୍କଡ଼ ମଧ୍ୟ କିଛି କମ ନୁହନ୍ତି। ଅଞ୍ଚଳରେ ଦେଖାଯାଉଥିବା ହନୁମାଙ୍କଡ଼ ଏବଂ ପାତି ମାଙ୍କଡ଼ ମାନେ ମଧ୍ୟ ଆଇସକ୍ରିମ ଖାଇବାକୁ ପସନ୍ଦ କରୁଛନ୍ତି। ତେବେ ଏଥି ସକାଶେ ସେମାନେ ଆଇସକ୍ରିମ ବାଲାଠାରୁ ଆଇସକ୍ରିମ କିଣିବା ପରିବର୍ତ୍ତେ ଛୋଟ ଛୁଆଙ୍କ ଠାରୁ ଲୁଟି ଖାଇବାକୁ ଅଧିକ ପସନ୍ଦ କରୁଥିବା ଦେଖାଯାଉଛି।



**ସାଥି ଚୟନ ସହ ନୀଡ଼ ବାନ୍ଧିବାର ସମୟ :** ବାସ୍ତବରେ ପଶୁ ପକ୍ଷୀମାନେ ମୌସୁମୀ ଆଗମନର ପୂର୍ବାଭାଷ ପାଇଥାନ୍ତି। ବର୍ଷା ଆଗମନର ପୂର୍ବରୁ ସେମାନେ ବସାବାନ୍ଧିବାର ଆରମ୍ଭ କରିଥାନ୍ତି। ପ୍ରବଳ ଗ୍ରୀଷ୍ମରେ ମୌସୁମୀର ଠିକ୍ ପୂର୍ବରୁ ପୁରୁଷ ବାୟା ଚଢ଼େଇ ବସା ବାନ୍ଧିଥାଏ। ପୁରୁଷ ବାୟା ଚଢ଼େଇର ବସା ବାନ୍ଧିବାର ଦକ୍ଷତା, କୌଶଳ ଓ ସ୍ଥିରତା ତାର ସାଥୀ ଚୟନର ମାପ କାଠି ହୋଇଥାଏ। ବସା ବାନ୍ଧିବା ସମୟରେ ସମ୍ଭାବ୍ୟ ସାଥୀ ବାରମ୍ବାର ବସା ପରିଦର୍ଶନ କରିଥାଏ। ଯେଉଁ ପୁରୁଷ ବସା ବାନ୍ଧିବାରେ ଦକ୍ଷ ହୋଇଥାଏ ଏବଂ ବସାଟି ସମ୍ଭାବ୍ୟ ମୌସୁମୀ ଝଡ଼ର ମୁକାବିଲା ପାଇଁ ସଠିକ ଜଣାପଡ଼େ ମାଈ ବାୟା ପକ୍ଷୀଟି ସେହି ପୁରୁଷ ପକ୍ଷୀକୁ ସାଥୀ ରୂପେ ଚୟନ କରିଥାଏ। ତେବେ ପୁରୁଷ ବାୟାକୁ ସାଥୀ ରୂପେ ଗ୍ରହଣ କରିବା ପୂର୍ବରୁ ମାଈ ବାୟା ଚଢ଼େଇଟି ମାଟି ଓ ଗୋବର ଲେପ ଦେଇ ବସାଟିକୁ ସୁନ୍ଦର କରିଥାଏ। ତତ୍ ଉପରାନ୍ତେ ସହବାସ ପାଇଁ ସମ୍ମତି ପ୍ରଦାନ କରିଥାଏ। ଏଣୁ ଗ୍ରୀଷ୍ମ ପ୍ରବାହକୁ ଭୃକ୍ଷେପ ନ କରି ପୁରୁଷ ବାୟା ଚଢ଼େଇ ନିଜର ସମ୍ଭାବ୍ୟ ସାଥୀ ଚୟନ ପାଇଁ ଏବେ ନୀଡ଼ ବାନ୍ଧିବାରେ ବ୍ୟସ୍ତ ଥିବା ଦେଖାଯାଇଛି।

- ସୁଶାନ୍ତ କୁମାର ସାହୁ



## 'ଏକମାତ୍ର' ଲେଖିଥିଲା: ବିପନ୍ନଙ୍କୁ ସହାୟତାର ହାତ ବଢ଼ାନ୍ତୁ

### ଯେଉଁ ସହୃଦୟ ବ୍ୟକ୍ତିମାନେ 'ଏକମାତ୍ର ସହାୟତା ପାଣ୍ଠି'କୁ ସହଯୋଗ କରିଛନ୍ତି



ପ୍ରଫୁଲ୍ଲ କୁମାର ମିଶ୍ର
*ସହଯୋଗ ରାଶି : ୧ ହଜାର ଟଙ୍କା*



ଦୀପକ ମିଶ୍ର
*ସହଯୋଗ ରାଶି : ୧ ହଜାର ଟଙ୍କା*



ହିମାଂଶୁ ମିଶ୍ର
*ସହଯୋଗ ରାଶି : ୫ଶତ ଟଙ୍କା*



ଲିଙ୍ଗରାଜ ସାହୁ
*ସହଯୋଗ ରାଶି : ୫ଶତ ଟଙ୍କା*



ପବିତ୍ର ଷଡଙ୍ଗୀ
*ସହଯୋଗ ରାଶି : ୫ଶତ ଟଙ୍କା*



ଅକ୍ଷୟ କୁମାର ଦାଶ
*ସହଯୋଗ ରାଶି : ୨ ହଜାର ଟଙ୍କା*



ମଧୁସ୍ମିତା ମହାନ୍ତି
*ସହଯୋଗ ରାଶି : ୫ଶତ ଟଙ୍କା*



ପ୍ରମୋଦ କୁମାର ସାହୁ
*ସହଯୋଗ ରାଶି : ୫ଶତ ଟଙ୍କା*

# ଲୋକସଭା ଯିବେ ଓଡ଼ିଶାରୁ ୭ ମହିଳା



**ଭୁବନେଶ୍ୱର :** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କିଛିମାସ ତଳେ ସଂସଦ ପାଇଁ ୩୩% ମହିଳାଙ୍କୁ ପଠାଇବା ନେଇ ଯେଉଁ ପ୍ରସ୍ତାବ ଆଗତ କରିଥିଲେ ତାହା ଏବେ ଏକପ୍ରକାର ସଫଳ ହୋଇଛି। ୨୦୧୯ ନିର୍ବାଚନ ଫଳାଫଳ ପ୍ରକାଶ ପାଇବା ପରେ ଏହା ସ୍ପଷ୍ଟ ହୋଇଛି। ପ୍ରଥମଥର ପାଇଁ ରାଜ୍ୟରୁ ଏକକାଳୀନ ୭ ଜଣ ମହିଳା ଲୋକସଭାକୁ ଯାଉଛନ୍ତି। ତେବେ ଦିଲ୍ଲୀ ଦରବାର ଯିବାରେ ସର୍ବାଧିକ ମହିଳା ପ୍ରାର୍ଥୀ ରହିଛନ୍ତି ବିଜେଡିରେ। ମିଳିଥିବା ସୂଚନା ଅନୁଯାୟୀ ବିଜେଡିର ୫ ଜଣ ହୋଇଥିବା ବେଳେ ବିଜେପିର ୨ ଜଣ ସଦସ୍ୟା ରହିଛନ୍ତି। ପ୍ରକାଶିତ ଫଳାଫଳ ଅନୁଯାୟୀ ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ଆସନ ଭାବେ ଭୁବନେଶ୍ୱର ଲୋକସଭା ଆସନରୁ ପୂର୍ବତନ ପ୍ରଶାସିକା ତଥା ବିଜେପି ନେତ୍ରୀ ଅପରାଜିତା ଷଡ଼ଙ୍ଗୀ ଲୋକସଭାକୁ ନିର୍ବାଚିତ ହୋଇଥିବା ବେଳେ ବଲାଙ୍ଗିର ଲୋକସଭା ଆସନରୁ ବିଜେପିର ସଙ୍ଗୀତା ସିଂଦେଓ ବିଜୟଲାଭ କରିଛନ୍ତି। ଶ୍ରୀମତୀ ଷଡ଼ଙ୍ଗୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀ ଅରୂପ ମୋହନ ପଟ୍ଟନାୟକଙ୍କୁ ୨୩ ହଜାର ୮ ଶହ ୩୯ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଯଦିବା ପ୍ରଚାର ମଇଦାନରେ ଶ୍ରୀ ପଟ୍ଟନାୟକଙ୍କୁ ଖୁବ୍ କମ୍ ଦେଖିବାକୁ ମିଳିଥିଲା ତେବେ ଅପରାଜିତାଙ୍କ ବିଜୟ ପାଇଁ ତାଙ୍କ ଅତୀତର କାର୍ଯ୍ୟଦକ୍ଷତାକୁ ଶ୍ରେୟ ଦିଆଯାଇପାରିବ। ସେହିଭଳି ବଲାଙ୍ଗିରରୁ ବିଜେପି ପ୍ରାର୍ଥୀ ଶ୍ରୀମତୀ ସିଂଦେଓ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେଡି ପ୍ରାର୍ଥୀ କଳିକେଶ ନାରାୟଣ ସିଂଦେଓଙ୍କୁ ୧୯ ହଜାର ୫୧୬ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଆସ୍କା ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ପ୍ରମିଳା ବିଷୋୟୀ ନିକଟତମ ପ୍ରାର୍ଥୀ ତଥା ବିଜେପିର ଅନିତା ଶୁଭଦର୍ଶିନୀଙ୍କୁ ୨ଲକ୍ଷ ୪ ହଜାର ୭୦୭ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ବିଜୟୀ ହୋଇ ସଂସଦକୁ ଯିବା ପାଇଁ ଯୋଗ୍ୟତା ହାସଲ କରିଥିବା ବେଳେ ସେ ସ୍ୱୟଂସହାୟିକା ମଣ୍ଡଳ କରି ପୂରା ଗଞ୍ଜାମ ଜିଲ୍ଲାରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ପ୍ରମିଳା ତାଙ୍କ ନିଜ ଉଦ୍ୟମରେ ୫ ହଜାର ବୃକ୍ଷରୋପଣ କରି ଏକ ଜଙ୍ଗଲ ସୃଷ୍ଟି କରି ପରାକାଷ୍ଠା ପ୍ରଦର୍ଶନ କରିପାରିଛନ୍ତି। ସେହିଭଳି ଭଦ୍ରକ ଲୋକସଭା ଆସନରୁ ବିଜେଡି ପ୍ରାର୍ଥୀ ମଞ୍ଜୁଲତା ମଣ୍ଡଳର ପ୍ରଥମ ଥର ପାଇଁ ନିର୍ବାଚିତ ହୋଇଛନ୍ତି। ସେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୮ ହଜାର ୮ଶହ ୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଜଗତସିଂହପୁରରୁ ବିଜେଡି ପ୍ରାର୍ଥୀ ଡାକ୍ତର ରାଜଶ୍ରୀ ମଲ୍ଲିକ ମଧ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ବିଭୁପ୍ରସାଦ ତରାଇଙ୍କୁ ୨ ଲକ୍ଷ ୭୧ ହଜାର ୬୫୫ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରିଛନ୍ତି। ଯାଜପୁର ଲୋକସଭା ଆସନକୁ ଦେଖିଲେ ସେଠାରୁ ବିଜେଡି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ଅମୀୟକାନ୍ତ ମଲ୍ଲିକଙ୍କୁ ୧ ଲକ୍ଷ ୧ ହଜାର ୬୯୩ ଖଣ୍ଡ ଭୋଟ ବ୍ୟବଧାନରେ ପରାଜିତ କରି ଲୋକସଭାକୁ ନିର୍ବାଚିତ ହୋଇଛନ୍ତି। କେନ୍ଦୁଝରରୁ ଚନ୍ଦ୍ରାଣୀ ମୁର୍ମୁ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ତଥା ବିଜେପି ପ୍ରାର୍ଥୀ ଅନନ୍ତ ନାୟକଙ୍କଠାରୁ ୬୬ ହଜାର ୨୦୩ ଖଣ୍ଡ ଭୋଟ ବ୍ୟବଧାନରେ ବିଜୟ ଲାଭ କରିଛନ୍ତି। ସବୁଠାରୁ ରୋଚକ ଖବରହେଉଛି ଓଡ଼ିଶାରୁ ନିର୍ବାଚିତ ସମସ୍ତ ବିଜେଡି ସଦସ୍ୟ ପ୍ରଥମ ଥର ପାଇଁ ଲୋକସଭାକୁ ଯିବା ପାଇଁ ଯୋଗ୍ୟତା ହାସଲ କରିଛନ୍ତି। ଏମିତି କି ବିଜେପିର ଅପରାଜିତା ଷଡ଼ଙ୍ଗୀ, ବିଜେଡି ଚନ୍ଦ୍ରାଣୀ ମୁର୍ମୁଙ୍କ ଭଳି ଅଧିକାଂଶ ପ୍ରଥମଥର ଲାଗି ରାଜନୀତିରେ ପାଦଦେଇ ଦିଲ୍ଲୀ ଦରବାରକୁ ଯାଉଛନ୍ତି। ପ୍ରଥମ ଥର ପାଇଁ ଏତେ ସଂଖ୍ୟକ ମହିଳା ସଦସ୍ୟ ଓଡ଼ିଶାରୁ ଯାଇ ଲୋକସଭାରେ ପ୍ରତିନିଧିତ୍ୱ କରୁଛନ୍ତି। ତେବେ କ'ଣ ରହିବ ସେମାନଙ୍କ ଆଭିମୁଖ୍ୟ ତାକୁ ନେଇ ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

# ବିଜେଡି ଦଖଲରେ ଭୁବନେଶ୍ୱରର ୩ ବିଧାନସଭା ଆସନ; ଚାଲିଛି ସେଲିବ୍ରେସନ୍



**ଭୁବନେଶ୍ୱର :** ଭୁବନେଶ୍ୱରର ତିନି ବିଧାନସଭା ଆସନକୁ ପୋଛି ନେଇଛି ବିଜେଡି। ଏକାମ୍ର ଆସନରେ ଦଳୀୟ ପ୍ରାର୍ଥୀ ଅଶୋକ ପଣ୍ଡା ସବୁଠୁ ଅଧିକ ଭୋଟ୍ ବ୍ୟବଧାନରେ ଜିତିଥିବା ବେଳେ ଉତ୍ତର ଆସନରୁ ବିଜେପି ପ୍ରାର୍ଥୀ ଅପରାଜିତା ମହାନ୍ତିଙ୍କୁ ହରାଇ ସୁଶାନ୍ତ ରାଉତ୍ ବିଜୟୀ ହୋଇଛନ୍ତି। ସେହିପରି ମଧ୍ୟମ ଆସନରେ ବିଜେପି ବିଜେଡି ମଧ୍ୟରେ କଡ଼ା ଟକ୍କର ହୋଇଥିଲେ ମଧ ବିଜେଡିର ଅନନ୍ତ ନାରାୟଣ ଜେନା ଏହି ଆସନରୁ ବାଜି ମାରିଛନ୍ତି। ବିଜୟୀ ହେବାପରେ ଶୁକ୍ରବାର ବିଜୟୀ ନେତାଙ୍କୁ କର୍ମୀ ଓ ସମର୍ଥକମାନେ ଶୁଭେଚ୍ଛା ଜଣାଇଥିଲେ। ସେଦିନ ସକାଳୁ ଅନନ୍ତଙ୍କୁ କେକ୍ କାଟି ଶୁଭେଚ୍ଛା ଜଣାଇବା ସହିତ ତାଙ୍କ ବାସଭବନ ଯାଇ ବିଜେଡି କର୍ମୀମାନେ ଅଭିନନ୍ଦନ ଜଣାଇଥିଲେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି ଭୁବନେଶ୍ୱର ଲୋକସଭା ଆସନ ବିଜେଡି ହାତରୁ ଖସି ଯାଇଥିଲେ ମଧ ୩ ବିଧାନସଭା ଆସନ ଦଖଲ କରିବାରେ ଦଳ ସଫଳ ହୋଇଛି। ଭୁବନେଶ୍ୱରର ସବୁଠାରୁ ଚର୍ଚ୍ଚିତ ମଧ୍ୟମ ଆସନରୁ ପ୍ରାର୍ଥୀ ହୋଇଥିବା ଅନନ୍ତ ନାରାୟଣ ଜେନା କଡା ମୁକାବିଲା ଭିତରେ ବିଜୟ ଲାଭ କରିଛନ୍ତି। ବିଜେପିର ଜଗନ୍ନାଥ ପ୍ରଧାନଙ୍କୁ ୧୧,୪୪୨ ଖଣ୍ଡ ଭୋଟରେ ଶ୍ରୀ ଜେନା ପରାସ୍ତ କରିଛନ୍ତି। ଶ୍ରୀ ପ୍ରଧାନ ୪୨ ହଜାର ୫୮୦ ଭୋଟ ପାଇଥିବା ବେଳେ ଅନନ୍ତ ୫୪ ହଜାର ୨୨ ଖଣ୍ଡ ଭୋଟ୍ ପାଇଥିଲେ। ସେହିପରି ଏକାମ୍ର ଆସନରେ ବିଜେଡିରୁ ପ୍ରାର୍ଥୀ ହୋଇଥିବା ଶ୍ରୀ ପଣ୍ଡା ନିକଟତମ ପ୍ରତିଦ୍ୱନ୍ଦ୍ୱୀ ବାବୁ ସିଂଙ୍କୁ ବୃହତ ବ୍ୟବଧାନରେ ହରାଇ ପୁଣିଥରେ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିଛନ୍ତି। ବାବୁ ସିଂଙ୍କୁ ୪୬ ହଜାର ୩୬୩ ଭୋଟ୍ ମିଳିଥିବା ବେଳେ ଶ୍ରୀ ପଣ୍ଡା ୭୫ ହଜାର ୨୦ ଖଣ୍ଡ ଭୋଟ୍ ପାଇ ବିଜୟଲାଭ କରିଛନ୍ତି। ସେହିପରି ଉତ୍ତର ଆସନରେ ବିଜେପିର ଅପରାଜିତା ମହାନ୍ତିଙ୍କୁ ବିଜେଡି ପ୍ରାର୍ଥୀ ସୁଶାନ୍ତ ରାଉତ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। କଂଗ୍ରେସ ଛାଡ଼ି ବିଜେପିରେ ମିଶିବା ପରେ ଦଳ ଅପରାଜିତାଙ୍କୁ ଏହି ଆସନ ପାଇଁ ପ୍ରାର୍ଥୀ କରିଥିଲା। ବିଜେଡି ଚଳିତ ନିର୍ବାଚନରେ ଏହି ଆସନରୁ ନୂଆ ଚେହେରା ଶ୍ରୀ ରାଉତଙ୍କୁ ମଇଦାନକୁ ଓହ୍ଲାଇଥିଲା। ଅପରାଜିତାଙ୍କୁ ୪୫ ହଜାର ୭୭୯ ଖଣ୍ଡ ଭୋଟ୍ ମିଳିଥିଲା ବେଳେ ସୁଶାନ୍ତଙ୍କୁ ୭୧ ହଜାର ୧୯୩ ଖଣ୍ଡ ଭୋଟ୍ ମିଳିଥିଲା।





ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ବିଭାଗର ଯୋଜନା ସମ୍ପର୍କୀୟ କୌଣସି ଅଭିଯୋଗ କିମ୍ବା ଅଧିକ ସୂଚନା ଜାଣିବା ପାଇଁ ମାଗଣା ଫୋନ୍ ନମ୍ବର ୧୮୦୦୩୪୫୬୭୬୮କୁ କଲ କରନ୍ତୁ।

ଶ୍ରୀଯୁକ୍ତ କ୍ଷମା ପ୍ରସାଦ ଦୁରିଆ
କାର୍ଯ୍ୟନିର୍ବାହୀ ଅଧିକାରୀ
ଗୋପାଳପୁର ଗ୍ରାମ ପଞ୍ଚାୟତ

ଶ୍ରୀମତୀ ପଦ୍ମାବତୀ ମାଝୀ
ସରପଞ୍ଚ
ଗୋପାଳପୁର ଗ୍ରାମ ପଞ୍ଚାୟତ

PLOT FOR SALE
MOUZA:BHOLA



N.H. Bye Pass (Old Trunk Road), Near ASBM College, Chandaka, Bhubaneswar, Odisha
Contact : 8658607286

PLOT FOR SALE



MOUZA : JUJHAGADA
(Back side of Nandankanan Zoo)
BHUBANESWAR
*Contact : 865807286 / 8917571455*



MOUZA : BEGUNIA BOREHI
(NEAR CV RAMAN COLLEGE)
TAMANDO - YELLOW ZONE
BHUBANESWAR
30ft Approch Road
*Contact : 8658607286 / 8917571455*

PLOT FOR SALE@BHUBANESWAR



30ft Internal Road
Mouza : Pandiapada
*Contact Immediately :*
8658607286 / 8917571455

Yellow Zone, 30ft wide Road
Mouza : Dakhina Mundamuhan
*(Near CV Raman College)*
100ft Proposed BDA Road
*Contact Immediately :*
8658607286 / 8917571455




Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି